

ଟୀପ୍ପଣୀ

# ୨୧

# ସାମାଜିକ ବିଚ୍ୟୁତି (SOCIAL DEVIANCE)

**ଆ**ମେ ସମସ୍ତେ ସମାଜରେ ବାସ କରୁ । ସମାଜ ବିନା ଆମେ ବଞ୍ଚିପାରିବା ନାହିଁ । କାରଣ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆମେ ଏହା ଉପରେ ନିର୍ଭର କରିଥାଉ । ସମାଜରେ ରହିବାକୁ ହେଲେ ଆମକୁ କିଛି ନୀତି ନିୟମ, ତଥା ପ୍ରତିମାନ ଓ ମୂଲ୍ୟବୋଧ ସବୁକୁ ମାନିବାକୁ ପଡ଼ିଥାଏ । ଆପଣମାନେ ଦ୍ୱିତୀୟ ପୁସ୍ତକରେ ପଢ଼ିଛନ୍ତି ଯେ କିପରି ସମାଜ ନିଜର ପ୍ରତିମାନ ଓ ମୂଲ୍ୟବୋଧ ଅନୁଯାୟୀ ଆମମାନଙ୍କଠାରୁ ବ୍ୟବହାର ଆଶା କରେ । ସେହି ସବୁ ପ୍ରତିମାନ ଓ ମୂଲ୍ୟବୋଧମାନଙ୍କର ଦଣ୍ଡାତ୍ମକ ତଥା ପ୍ରୋତ୍ସାହନାତ୍ମକ ଅନୁମତି (Sanctions) ରହିଛି । ସମାଜର ପ୍ରତ୍ୟେକ ସଦସ୍ୟ ସେସବୁକୁ ମାନିବା ଆଶା କରାଯାଏ । କିନ୍ତୁ ସମାଜର ଆଶାନୁଯାୟୀ କେତେକ ସଦସ୍ୟ ବ୍ୟବହାର କରି ନଥାନ୍ତି । ଫଳରେ ସାମାଜିକ ବିଚ୍ୟୁତି (Social Deviance)ସୃଷ୍ଟି ହୁଏ । ଅପରାଧ, ସ୍କୁଲକୁ ନ ଯାଇ ବଦମାସି କରିବା, ବାଲୁଙ୍ଗାମି, ଯୁବ ଅପରାଧ, ମଦ୍ୟପାନ, ନିଶାସକ୍ତତା ଇତ୍ୟାଦି ହେଉଛି ସାମାଜିକ ବିଚ୍ୟୁତିର ଉଦାହରଣ ।

ଏହି ଅଧ୍ୟାୟରେ ଆପଣମାନେ ଏହିସବୁ ସାମାଜିକ ବିଚ୍ୟୁତି ବିଷୟରେ ପଢ଼ିବେ ।

## ଉଦ୍ଦେଶ୍ୟ (Objectives)

**ଏହି ଅଧ୍ୟାୟ ପଢିବା ପରେ ଆପଣ,**

- ଅପରାଧକୁ ବ୍ୟାଖ୍ୟା କରିପାରିବେ ।
- ବାଲୁଙ୍ଗାମି ଓ ଯୁବ-ବଦମାସି (Vagrancy and truancy)କୁ ବ୍ୟାଖ୍ୟା କରିବା ସଙ୍ଗେ ସଙ୍ଗେ ଏହାର ପ୍ରକାର ମାନ ଦର୍ଶାଇ ପାରିବେ ।
- ଯୁବ ଅପରାଧ (delinquency)ର ବର୍ଣ୍ଣନା କରିପାରିବେ, ଏବଂ
- ମଦ୍ୟପାନ ଓ ନିଶାସକ୍ତତାକୁ ବ୍ୟାଖ୍ୟା କରିପାରିବେ ।







## ୧୨.୧ ଅପରାଧ (Crime)

ସାମାଜିକ ବିଚ୍ୟୁତି ହେଉଛି ସେହିସବୁ ବ୍ୟବହାର ଯାହା ସମାଜର ପ୍ରତିମାନ, ମୂଲ୍ୟବୋଧ ଓ ଆଶାନୁଯାୟୀ ହୋଇନଥାଏ । ଏହିସବୁ ବ୍ୟବହାର ପ୍ରତି ସାମାଜିକ ଅନୁମତି ନ ଥାଏ । ଏଥିପାଇଁ ସେସବୁକୁ 'ଅସାମାଜିକ' ଆଖ୍ୟା ଦିଆଯାଏ । ଆପଣମାନେ ଅପରାଧ ଓ ଅପରାଧିମାନଙ୍କ ବିଷୟରେ ଶୁଣିଥିବେ ।

ଆପଣମାନେ ମଧ୍ୟ ଅପରାଧ ଓ ଅପରାଧିଙ୍କୁ ଟିଭି ଓ ସିନେମାରେ ଦେଖିଥିବେ । କିନ୍ତୁ ଆପଣ କ'ଣ ଜାଣନ୍ତି ଅପରାଧ କ'ଣ ? ଅପରାଧ ହେଉଛି ଅସାମାଜିକ ବ୍ୟବହାର । ସମାଜରେ ଏପରି କେତେ ପ୍ରକାରର ବ୍ୟବହାର ଅଛି ଯାହା ପାଇଁ ସାମାଜିକ ଅନୁମତି (Sanction) ନ ଥାଏ । ସମାଜ ନିଜର ସଦସ୍ୟମାନଙ୍କଠାରୁ ଏପରି ବ୍ୟବହାର ଆଶା କରି ନଥାଏ । ଏହି ସବୁ ବ୍ୟବହାର ମଧ୍ୟରେ ଆତ୍ମହତ୍ୟା, ହତ୍ୟା, ଚୋରୀ, ଡକେଇତି, ଧର୍ଷଣ, ରାହାଜାନି ଇତ୍ୟାଦି ସାମିଲ ଥାଏ । ଏହି ସବୁକୁ ଅସାମାଜିକ ବ୍ୟବହାର କୁହାଯାଏ । ସେସବୁ ସାମାଜିକ ବିଘଟନ ସୃଷ୍ଟି କରନ୍ତି । ତେଣୁ ଅପରାଧ ହେଉଛି ଏକ ସାମାଜିକ ବ୍ୟାଧି । ଏହା "ସମାଜର ବ୍ୟକ୍ତିଠାରୁ ଆଶା" ଓ "ଯାହା କେତେକ ବ୍ୟକ୍ତିଙ୍କର ଇଚ୍ଛା", ଏହି ଦୁଇ ଚିନ୍ତାଧାରା ମଧ୍ୟରେ ସଂଘର୍ଷ ଯୋଗୁଁ ଘଟିଥାଏ । ଅନ୍ୟ ଶବ୍ଦରେ କହିଲେ ଯେତେବେଳେ ସମାଜର କେତେକ ସଦସ୍ୟ ସମାଜର ପ୍ରତିମାନ ଓ ମୂଲ୍ୟବୋଧର ଅନୁପାଳନ କରନ୍ତି ନାହିଁ, ସେତେବେଳେ ଅପରାଧ ସଂଘଟିତ ହୁଏ । ସେହି ସଦସ୍ୟମାନେ ସମାଜର ମୂଲ୍ୟବୋଧ ଓ ପ୍ରତିମାନ ସବୁକୁ ଭ୍ରୂକ୍ଷେପ କରନ୍ତି ନାହିଁ । ସେମାନେ ଅସାମାଜିକ ଶୈଳୀରେ କାର୍ଯ୍ୟ କରିବା ଆରମ୍ଭ କରିଦିଅନ୍ତି । ଅପରାଧ, ମନ ଭିତରେ ଚାପି ହୋଇ ରହିଥିବା କାମନା ସବୁକୁ ପୂରଣ କରେ । ଅପରାଧ ହେଉଛି ଏଭଳି ଏକ କାର୍ଯ୍ୟ, ଯାହା ମାଧ୍ୟମରେ ଏକ ବ୍ୟକ୍ତି ପ୍ରତିଶୋଧ ନିଏ, ଧନସଂପତ୍ତି ଛଡ଼େଇ ନିଏ, ନିଜର ଶତ୍ରୁମାନଙ୍କୁ ହତ୍ୟାକରେ କିମ୍ବା ଅତ୍ୟାଚାର କରେ ଓ ନିଜ ମନର ଅପୂର୍ଣ୍ଣ କାମନା ସବୁକୁ ପୂରଣ କରିଥାଏ । ତେବେ ଅପରାଧିମାନଙ୍କ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି ।

ଅପରାଧ ଜନ୍ମଗତ ନୁହେଁ । ତାହା ସୃଷ୍ଟି ହୋଇଥାଏ । ସମାଜ ହିଁ ଜଣେ ବ୍ୟକ୍ତିକୁ ଅପରାଧି କରିଦିଏ । ଯେତେବେଳେ ବ୍ୟକ୍ତିକୁ ସୁରକ୍ଷା ଦେବାରେ ଓ ବ୍ୟକ୍ତିର ଆଶା, ଆକାଂକ୍ଷା ପୂରଣ କରିବାରେ ସମାଜ ବିଫଳ ହୁଏ, ସେତେବେଳେ ବ୍ୟକ୍ତିମାନେ ଅପରାଧର ସାହାଯ୍ୟ ନିଅନ୍ତି । ଆଜିକାଲି, ଅପରାଧିମାନେ ନୂତନ ଜ୍ଞାନ କୌଶଳ ତଥା ଆଧୁନିକ ପ୍ରଯୁକ୍ତି କୌଶଳ ମାଧ୍ୟମରେ ଅପରାଧ ଘଟାଇବାକୁ ପ୍ରଶିକ୍ଷିତ ହେଇଛନ୍ତି । ସଂଗଠିତ ଅପରାଧ ଯଥା-ଡକାୟତି ଓ ଆତଙ୍କବାଦୀ ଆକ୍ରମଣ ଇତ୍ୟାଦି ପାଇଁ ବିକଶିତ ଉନ୍ନତ ଅସ୍ତ୍ରଶସ୍ତ୍ର ସବୁ ବ୍ୟବହାର କରାଯାଉଛି । ଆମ ସମାଜରେ ବୃତ୍ତିଗତ ଅପରାଧି (Professional Criminals)ମାନେ ମଧ୍ୟ ଅଛନ୍ତି । ଆମ ସମାଜରେ ପ୍ରଭାବଶାଳୀ ଧବଳ-ମୁଖ ଅପରାଧ (White-Collar crime) ମଧ୍ୟ ରହିଛି । ଏହି ଅପରାଧ ସବୁ ସମାଜର ସଂଭ୍ରାନ୍ତ ବର୍ଗର ଲୋକମାନେ କରିଥାଆନ୍ତି ଓ ସହଜରେ ଖସିଯାଇଥାନ୍ତି ।

ଅପରାଧର ସାମାଜିକ, ଅର୍ଥନୈତିକ, ରାଜନୈତିକ, ଧାର୍ମିକ, ପ୍ରାକୃତିକ ଓ ମନସ୍ତାତ୍ତ୍ୱିକ କାରଣ ସବୁ ରହିଛି । ଏହା ଜନସଂଖ୍ୟା ବିସ୍ଫୋରଣ, ଔଦ୍ୟୋଗିକିକରଣ ଓ ଆଧୁନିକୀକରଣ ସହିତ ମଧ୍ୟ ସମ୍ବନ୍ଧିତ । ଆମ ସମାଜରେ ସବୁ ଜାତିର ଲୋକେ ସମାନ-ପ୍ରସ୍ଥିତି ଉପଭୋଗ କରି ନଥାନ୍ତି ସଂପତ୍ତିର ଭାଗବଣ୍ଟା ବେଳେ ଭାଇମାନଙ୍କ ମଧ୍ୟରେ ବି ସଂଘର୍ଷ ଘଟିଥାଏ । ଏହା ଅପରାଧକୁ ମଧ୍ୟ ବେଳେ ବେଳେ ଜନ୍ମ



ଟୀପ୍ପଣୀ

ଦେଇଥାଏ । ସମାଜରେ ସମ୍ବଳର ଅସମ ବଣ୍ଟନ ମଧ୍ୟ ଅପରାଧିକ ବ୍ୟବହାରକୁ ଜନ୍ମ ଦେଇଥାଏ । ଆଜିକାଲି ସମାଜରେ ରାଜନୀତିର ଅପରାଧିକରଣ ଓ ଅପରାଧିମାନଙ୍କର ରାଜନୀତିକରଣ ତଥା ଅପରାଧମାନ ଘଟୁଛି । ସାଂପ୍ରଦାୟିକ ଦଙ୍ଗା ବିଭିନ୍ନ ପ୍ରକାରର ଅପରାଧ ସହିତ ପ୍ରତକ୍ଷ ଭାବରେ ସମ୍ବନ୍ଧିତ, ଯେମିତକି ଲୁଟପାଟ, ଡକେଇତି, ରାହାଜାନୀ, ହତ୍ୟା ଓ ଧର୍ଷଣ ଇତ୍ୟାଦି ।

ବିକୃତ ମାନସସିକତାର ବ୍ୟକ୍ତିମାନେ ବିଭିନ୍ନ ଅପରାଧ ଘଟାଇ ନିଜର ବିକୃତ ମାନସିକତାର ଇଚ୍ଛାକୁ ଚରିତାର୍ଥ କରିଥାନ୍ତି । ଅସ୍ୱାଭାବିକ, ଅର୍ଥାତ୍ ମାନସିକ ଭାରସାମ୍ୟ ହରାଇଥିବା ବ୍ୟକ୍ତିମାନେ ମଧ୍ୟ ଅପରାଧ ଘଟାଇଥାଆନ୍ତି । ସହରୀକରଣ, ଔଦ୍ୟୋଗିକୀକରଣ ଓ ଆଧୁନିକୀକରଣ ଇତ୍ୟାଦି ପ୍ରକ୍ରିୟାମାନ ଲୁଟପାଟ, ଡକେଇତ, ହତ୍ୟା ଓ ଯୌନ ଅପରାଧ ଇତ୍ୟାଦିକୁ ଜନ୍ମ ଦେଇଥାଆନ୍ତି । ଅଶ୍ଳୀଳ ପୁସ୍ତକର ପଠନ ମଧ୍ୟ ଅପରାଧିକ ବ୍ୟବହାରକୁ ଉତ୍ସାହିତ କରିଥାଏ । ନ୍ୟାୟପାଳିକା ତଥା ଦଣ୍ଡ ବିଧାନକାରୀ ଏଜେନ୍ସିମାନଙ୍କ ରେ ଦୁର୍ନୀତି ବ୍ୟାପିଥିବାରୁ ଅପରାଧିମାନେ ଖସି ଯାଉଛନ୍ତି ଓ ଆହୁରି ବଳଶାଳୀ ହୋଇ ଅଧିକ ଅପରାଧମାନ ଘଟାଇ ଚାଲିଛନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୧.୧


ନିମ୍ନୋକ୍ତ ପ୍ରତି ବକ୍ତବ୍ୟ ପାଇଁ ସତ୍ୟ କିମ୍ବା ମିଥ୍ୟା ଲେଖ ।

୧. ଅପରାଧକୁ ସାମାଜିକ ଅନୁମତି ମିଳିଥାଏ ।
୨. ଅପରାଧ ହେଉଛି ଏକ ଅସାମାଜିକ ବ୍ୟବହାର ।
୩. ମନ ଭିତରେ ଚାପି ହୋଇ ରହିଥିବା କାମନାର ପରିପୂର୍ତ୍ତିର ଏକ ମାଧ୍ୟମ ହେଉଛି ଅପରାଧ ।
୪. ବ୍ୟକ୍ତିମାନଙ୍କର ଆଶା ଆକାଂକ୍ଷା ଓ ସମାଜର ବ୍ୟକ୍ତିବିଶେଷଙ୍କଠାରୁ ଆଶା, ଏହି ଦୁଇ ଭାବନାର ସଂଘର୍ଷରୁ ଅପରାଧ ଜନ୍ମନିଏ ।
୫. ଅପରାଧି ହୋଇ କେହି ଜନ୍ମ ହୋଇ ନ ଥାନ୍ତି, ସେମାନେ ସମାଜରେ ପ୍ରସ୍ତୁତ ହୋଇଥାଆନ୍ତି ।

## ୨୧.୨ ବିଦ୍ୟାଳୟରେ ଅଭ୍ୟାସଗତ ଅନୁପସ୍ଥିତି ବା "ପଳାୟନପଟୁତା" (TRUANCY)

ଆପଣମାନେ ସ୍କୁଲକୁ ଯିବାର ବାହାନା କରି ସ୍କୁଲରୁ ଅନୁପସ୍ଥିତ ରହୁଥିବା ପିଲାମାନଙ୍କ ବିଷୟରେ ଶୁଣିଥିବେ । ବେଳେବେଳେ ସ୍କୁଲ ସମୟ ମଧ୍ୟରେ କାହାକୁ କିଛି ନ କହି ବା ସ୍କୁଲଶିକ୍ଷକ/ଶିକ୍ଷୟିତ୍ରୀଙ୍କର ଅନୁମତି ନ ନେଇ କିଛି ପିଲା ସ୍କୁଲରୁ ପଳାଇଥାଆନ୍ତି । ଏହାକୁ ଆମେ ସାଧାରଣ କଥିତ ଭାଷାରେ ବାଲୁଙ୍ଗାମି ବୋଲି କହିଥାଉ । ସ୍କୁଲରୁ ପଳାଇ ଯାଉଥିବା ଏହି ପିଲାମାନଙ୍କ ମଧ୍ୟରୁ କେତେକ ଅସାମାଜିକ କାର୍ଯ୍ୟକଳାପ ଯଥା ଇତସ୍ତତ ଭାବରେ ବୁଲିବା (ବାରବୁଲା), ଯୁବ-ଅପରାଧ ଘଟାଇବା, ଜୁଆ ଖେଳିବା, ଝିଅପିଲାଙ୍କୁ ଦେଖି ଅରୁଚିକର ମନ୍ତବ୍ୟ ଦେବା ଇତ୍ୟାଦି କାର୍ଯ୍ୟରେ ସଂପୃକ୍ତ ହୋଇଥାଆନ୍ତି ।

ଏହିଭଳି ପିଲାମାନେ ସ୍କୁଲ ସମୟରେ ସ୍କୁଲରେ ରହନ୍ତି ନି କିମ୍ବା ଘରକୁ ମଧ୍ୟ ଆସନ୍ତି ନାହିଁ । ସେମାନେ ଏହି ସବୁ ସମୟରେ ତାସ ଖେଳିବା, ସିନେମା ଦେଖିବା, ହୋଟେଲକୁ ଯାଇ ଖାଇବା, ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ, ବଜାର ଘାଟ ତଥା ଭିଡ଼ ଥିବା ସ୍ଥାନମାନଙ୍କୁ ଯିବା ଇତ୍ୟାଦି କାର୍ଯ୍ୟ କରିଥାଆନ୍ତି । ସେମାନେ ବାରବୁଲା ଭଳି ଆଚରଣ କରନ୍ତି ଓ ନାନା ବଦମାସି କରିଥାଆନ୍ତି । ସେମାନେ ଏଥିପାଇଁ ବହୁ







ସମୟରେ ଜନସାଧାରଣ ତଥା ପୁଲିସ ଦ୍ୱାରା ଦଣ୍ଡିତ ହୁଅନ୍ତି । ଏହି ସବୁ ଘଟଣା କ୍ରମରେ ପଡ଼ିବା ଦ୍ୱାରା ସେମାନେ ପେଷାଦାର ଅପରାଧିଙ୍କ ସଂପର୍କରେ ଆସନ୍ତି ଓ କିଶୋର ଅପରାଧିରେ ପରିଣତ ହୁଅନ୍ତି । ତେଣୁ ସ୍କୁଲରୁ ପଳେଇବା ପ୍ରବୃତ୍ତି ବାରବୁଲା ପଣିଆ ତଥା କିଶୋର ଅପରାଧି ପଣିଆ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ ।

ସ୍କୁଲରୁ ପଳାଉଥିବା ପିଲା ବିଭିନ୍ନ ପ୍ରକାର ର ହୋଇଥାନ୍ତି । କେତେକ ମୂଳରୁ ସ୍କୁଲକୁ ଯା'ନ୍ତି ନାହିଁ, କେତେକ ବେଳେ ବେଳେ ସ୍କୁଲ ଯା'ନ୍ତି, କେତେକ ସ୍କୁଲକୁ ଯା'ନ୍ତି, କିନ୍ତୁ କ୍ଲାସ କରନ୍ତି ନାହିଁ । କେତେକ କେବଳ ଉପସ୍ଥାନ ପାଇଁ ସ୍କୁଲ ଯା'ନ୍ତି ଓ ଅନ୍ୟ କେତେକ ମଧ୍ୟାନ୍ନ ବିରତି ରେ ସ୍କୁଲକୁ ପଳାନ୍ତି ।

ସ୍କୁଲ ରୁ ପଳାଇଯିବା ଦ୍ୱାରା ବ୍ୟକ୍ତିତ୍ୱ ବିଘଟନ, ସାମାଜିକ ବିଘଟନ, କୁସଙ୍ଗତି, ଖରାପ ଅଭ୍ୟାସ, ଅଳସୁଆମି, ଅନୈତିକତା ଓ ଚରିତ୍ରହୀନତାକୁ ପ୍ରୋତ୍ସାହନ ମିଳିଥାଏ । ଏହାର କେତେକ ପ୍ରମୁଖ କାରଣ ହେଲା – ଦାରିଦ୍ର୍ୟ, ସମାଜରେ ନିମ୍ନ ସ୍ଥିତି, ପରିବାରର ଗରିବୀ, ଅନାକର୍ଷଣୀୟ ଚେହେରା, ହୀନମନ୍ୟତା, ଶ୍ରେଣୀ ମିତ୍ର (Class Mate)ମାନଙ୍କ ସହିତ ଝଗଡ଼ା, କୁ-ସଙ୍ଗ, ତଥା ଅଭିଭାବକ ଓ ଶିକ୍ଷକମାନଙ୍କର ଅନୁପଯୁକ୍ତ ବ୍ୟବହାର, ପାଠକୁ ବୁଝିବାରେ ଅସାମର୍ଥ୍ୟ ଓ ପରୀକ୍ଷା ଭୟ ଇତ୍ୟାଦି । ଗରିବ ପରିବାରର ପିଲାମାନେ ଧନୀଘରର ପିଲାମାନଙ୍କ ସହ ସମଯୋଜନ (adjust) କରିପାରନ୍ତି ନାହିଁ । ଏହା ହୀନ ମନ୍ୟତାର ଭାବନାକୁ ବଢ଼ାଇଥାଏ । ଫଳରେ ସେମାନେ ସ୍କୁଲରୁ ଦୂରେଇ ରହନ୍ତି । କେତେକ ପିଲା କୁ-ସଙ୍ଗରେ ପଡ଼ିଯାଆନ୍ତି । ସେମାନେ ସ୍କୁଲରୁ ପଳାଇ ସିନେମା ଦେଖନ୍ତି, ବଜାର ବୁଲନ୍ତି ଓ ବିଭିନ୍ନ ବାଲୁଙ୍ଗାମି କରନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୧.୨

ବନ୍ଧନୀ ମଧ୍ୟରୁ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

୧. ସ୍କୁଲରୁ ପଳାୟନ, ଏପରି ଏକ ବ୍ୟବହାର ଯାହାର ସାମାଜିକ ଅନୁମତି .................. (ଅଛି, ନାହିଁ) ।

୨. ସ୍କୁଲରୁ ପଳାଉଥିବା ପିଲା ................ କାର୍ଯ୍ୟରେ ସଂପୃକ୍ତ ରହନ୍ତି । (ସାମାଜିକ, ଅସାମାଜିକ)

୩. ସ୍କୁଲରୁ ପଳାୟନ ଶିକ୍ଷାର ବିକାଶ ଦିଗରେ ............ (ବାଧକ, ପ୍ରୋତ୍ସାହନ) ।

୪. ସ୍କୁଲରୁ ପଳାୟନ ଯୁବ ଅପରାଧ ତଥା ବାରବୁଲା ପଣିଆ ପାଇଁ କ୍ଷେତ୍ର ................ କରିଥାଏ । (ପ୍ରସ୍ତୁତ, ଧ୍ୱଂସ)

୫. ସ୍କୁଲରୁ ପଳାଉଥିବା ପିଲାମାନେ ନିୟମିତ ସ୍କୁଲ ................... (ଯାଆନ୍ତି, ଯାଆନ୍ତି ନାହିଁ) ।

## ୨୧.୩ ବାରବୁଲା ପଣିଆ (VAGRANCY)

ବାରବୁଲା ପଣିଆ ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଏକ ବିକୃତ ସାମାଜିକ ଆଚରଣ ଅଟେ । ଏଥିରେ ବିନା କାରଣରେ ପିଲାମାନେ ଏଣେ ତେଣେ ବୁଲନ୍ତି । ସେମାନେ ତାଙ୍କର ଅସାମାଜିକ ବ୍ୟବହାରରେ ସମାଜର ଅନ୍ୟ ସଦସ୍ୟଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାଆନ୍ତି ।

ଏହି ପ୍ରକାର ଆଚରଣ ସମାଜରେ ସବୁ ଅଞ୍ଚଳରେ ପ୍ରାୟ ଦେଖାଯାଏ । ଏଥିରେ ପିଲାମାନେ ରାସ୍ତାଘାଟରେ ଲକ୍ଷ୍ୟ ହୀନ ଭାବରେ ବୁଲନ୍ତି । ସେମାନେ ବାଟରେ ଯାଉଥିବା ଝିଅ ପିଲାଙ୍କ ପ୍ରତି ଅଭଦ୍ର ଟୀକା



ଟୀପ୍ପଣୀ

ଟୀପ୍ପଣୀ କରନ୍ତି ତଥା ଅଶାଳୀନ ମନ୍ତବ୍ୟ ଦିଅନ୍ତି । ବିନା କାରଣରେ ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଗାଳି ଗୁଲଜ କରନ୍ତି । ସମୟ ସମୟରେ ସେମାନେ ଗଣ୍ଡଗୋଳ, ଝଗଡ଼ା, ମାରପିଟ୍ ଆଦି କରିଥାଆନ୍ତି । ସେମାନେ ନିଜର ପରିବାର ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥାଆନ୍ତି । ସେମାନଙ୍କର ଦଣ୍ଡ, ମାଡ଼, ଜେଲ, ଏପରିକି ମୃତ୍ୟୁକୁ ବି ଭୟ ନଥାଏ ।

ବାରବୁଲାମାନଙ୍କର ପରିବାର ସମୁଦାୟ ତଥା ସମାଜ ପ୍ରତି କୌଣସି ଦାୟିତ୍ୱବୋଧ ନ ଥାଏ । ସେମାନେ ନିଜର ଅରୁଚିକର ଓ ଅସାମାନ୍ୟ ତଥା ଅସ୍ୱାଭାବିକ କାର୍ଯ୍ୟକଳାପ ଦ୍ୱାରା ସମାଜ ପାଇଁ ସମସ୍ୟା ସୃଷ୍ଟି କରିଥାଆନ୍ତି । ଆମେ ପ୍ରାୟତଃ ସିନେମା ହଲ, ରେଲୱେ ଷ୍ଟେସନ, ବସଷ୍ଟାଣ୍ଡ, ପାର୍କ, ବସ୍ତି ଅଞ୍ଚଳ, ବଜାର ଘାଟ, ସ୍କୁଲ କଲେଜ ଗେଟ୍ ଆଗରେ, ପରିବା ବଜାରରେ, ଧାର୍ମିକ ଅନୁଷ୍ଠାନ, ଶୋଭାଯାତ୍ରା, ରାଜନୈତିକ ଶୋଭାଯାତ୍ରା, ମେଢ଼ ଶୋଭାଯାତ୍ରାରେ ଏହି ବାରବୁଲାମାନଙ୍କୁ ଦେଖିଥାଉ । ଏମାନଙ୍କର କୌଣସି ସ୍ଥିର ପ୍ରତ୍ୟକ୍ଷ ଆୟ ର ସ୍ରୋତ ନ ଥାଏ । ସେମାନେ ଚୋରୀ, ଡକାୟତି, ପକେଟମାର, ଜୁଆ, ବେଶ୍ୟାଳୟ, ଦାଦାଚାନ୍ଦା (ବଟି) ଇତ୍ୟାଦିରୁ ଆୟ କରି ଚଳିଥାଆନ୍ତି । ବାରବୁଲା ଯେ ବଦଳନ୍ତି ନାହିଁ, ତାହା ନୁହେଁ । ପରନ୍ତୁ, ଦେଖାଯାଇଛି ଯେ ପରିବାର, ସମୁଦାୟ, ସମାଜ ତଥା ପୋଲିସର କଡ଼ା ବିରୋଧ ଯୋଗୁଁ ଅନେକ ବାରବୁଲା ନିଜ ବ୍ୟବହାରରେ ପରିବର୍ତ୍ତନ ଆଣିଛନ୍ତି ।

ବାରବୁଲା ପଣିଆ ସୃଷ୍ଟି ହେବାର ମୁଖ୍ୟ କାରଣ ହେଲା ପରିବାରର ପୃଷ୍ଠଭୂମି, ପିତାମାତାଙ୍କର ପିଲା ପ୍ରତି ଆଚରଣ, କୁସଙ୍ଗ, ଜାତି ବ୍ୟବସ୍ଥା, ସମାଜରେ ନିମ୍ନ ସ୍ଥିତି ଓ ଜ୍ଞାତିମାନଙ୍କର ରକ୍ଷ ବ୍ୟବହାର ଇତ୍ୟାଦି ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୧.୩


ପ୍ରତି ପ୍ରଶ୍ନ ନିମ୍ନରେ ଦିଆଯାଇଥିବା ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ବିକଳ୍ପ ବାଛ ।

୧. ବାରବୁଲା ପଣିଆ ______ ସହ ସମ୍ବନ୍ଧିତ ଅଟେ ।
(କ) ଅର୍ଥ ଉପାର୍ଜନ (ଖ) ଶିକ୍ଷା ଗ୍ରହଣ
(ଗ) ସ୍ଥିତିରେ ଉନ୍ନତି (ଘ) ସାମାଜିକ ବ୍ୟାଧି

୨. ଘର ବୁଲା ପଣିଆ ପାଇଁ
(କ) ସକରାତ୍ମକ/ପ୍ରୋତ୍ସାହନାତ୍ମକ ଅନୁମତି (Positive sanction) ରହିଛି ।
(ଖ) ପ୍ରଶାସନର ସମର୍ଥନ ରହିଛି
(ଗ) ଜନ ସମର୍ଥନ ରହିଛି
(ଘ) ସମାଜର ଦଣ୍ଡାତ୍ମକ ଅନୁମତି ରହିଛି ।

୩. ବାରବୁଲାମାନେ ______ ସହ ସଂପୃକ୍ତ ଥା'ନ୍ତି ।
(କ) ସମାଜର ଉନ୍ନତି (ଖ) ଶିକ୍ଷାର ବିକାଶ
(ଗ) ସମାଜର ପୁନର୍ଗଠନ (ଘ) ଅସାମାଜିକ ବ୍ୟବହାର

୩. ବାରବୁଲାମାନେ ______ ନିଅନ୍ତି ନାହିଁ ।
(କ) ପରିବାରର ଦାୟିତ୍ୱ
(ଖ) ସାମାଜିକ କର୍ତ୍ତବ୍ୟରେ ଭାଗ



ଟୀପ୍ପଣୀ

(ଗ) ଧାର୍ମିକ କାର୍ଯ୍ୟରେ ଭାଗ

(ଘ) ସମାଜର ଦାୟିତ୍ୱ

୫. ବାରବୁଲାମାନେ ______ ଉପରେ ନିର୍ଭର କରି ଚଳନ୍ତି ।

(କ) ଶିଶୁ-ଶ୍ରମ (ଖ) ଛୋଟ ମୋଟ କାମ

(ଗ) ପକେଟମାର (ଘ) ଦାଦାବଟି


## ୨୧.୪ କିଶୋର ଅପରାଧ (Juvenile Delinquency)

ଆପଣମାନେ ପିଲାମାନଙ୍କ ଦ୍ୱାରା ଅପରାଧ ଘଟିବା କଥା ଶୁଣିଥିବେ । ଟିଭି ଧାରାବାହିକ ବା ସିନେମାରେ ଏହା ଘଟିବା ଦେଖିଥିବେ । ପିଲାଙ୍କ ଦ୍ୱାରା ଘଟୁଥିବା ଅପରାଧକୁ କିଶୋର ଅପରାଧ (Juvenile Delinquency) କୁହାଯାଏ । କିଶୋର ଅପରାଧକୁ ସାମାଜିକ ବା ଆଇନଗତ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ । ସାମାଜିକ ଦୃଷ୍ଟିକୋଣରୁ ଦେଖାଗଲେ ଆମେ ଜାଣିବା ଯେ ଯେତେବେଳେ ପିଲାଟି ସମାଜର ମୂଲ୍ୟବୋଧ, ପ୍ରତିମାନ, ପ୍ରଥା-ପରଂପରା ପ୍ରତି ଅସମ୍ମାନ ପ୍ରଦର୍ଶନ କରେ, ସେତେବେଳେ ଆମେ ତାକୁ କିଶୋର ଅପରାଧି ବୋଲି କହିଥାଉ । କିନ୍ତୁ ଆଇନଗତ ଦୃଷ୍ଟିକୋଣ ଏହାଠାରୁ ଭିନ୍ନ ଅଟେ । ଯେତେବେଳେ ଏକ ନିର୍ଦ୍ଦିଷ୍ଟ ବୟସ ସୀମା ମଧ୍ୟରେ ଥିବା ପିଲା ରାଷ୍ଟ୍ର ଦ୍ୱାରା ପ୍ରଣୀତ ଆଇନ୍‌କୁ ଉଲ୍ଲଙ୍ଘନ କରେ, ସେତେବେଳେ ତାକୁ କିଶୋର ଅପରାଧି କୁହାଯାଏ ।

କିଶୋର ଅପରାଧ ଏକ ଅସାମାନ୍ୟ, ଅସ୍ୱାଭାବିକ ସାମାଜିକ ବ୍ୟବହାର ଯେଉଁଥିରେ ଏକ ପିଲା ଅପରାଧ ଘଟାଇଥାଏ । ଏହା ଏକ ସାମାଜିକ ବ୍ୟାଧି ଯାହା ସମାଜରେ ବିଘଟନ ଘଟାଇଥାଏ ।

ଉଭୟ ଅପରାଧ ଓ କିଶୋର ଅପରାଧ ହେଉଛନ୍ତି ଅସାମାଜିକ ବ୍ୟବହାର । ଉଭୟ ସାମାଜିକ ଓ ବୟୋକ୍ତିକ ବିଶୃଙ୍ଖଳା ସୃଷ୍ଟି କରିଥା'ନ୍ତି । କିନ୍ତୁ ଏହି ଦୁଇଟି ଧାରଣା ମଧ୍ୟରେ ପାର୍ଥକ୍ୟ ରହିଛି । ଅପରାଧ, ବୟସ୍କମାନଙ୍କ ଦ୍ୱାରା ସଂଘଟିତ ହେଲାବେଳେ, କିଶୋର ଅପରାଧ ପିଲାମାନଙ୍କ ଦ୍ୱାରା ଘଟିଥାଏ । ଆମ ଦେଶରେ 7-17 ବର୍ଷର ପିଲାମାନଙ୍କ ଦ୍ୱାରା ଘଟିଥିବା ଅପରାଧକୁ କିଶୋର ଅପରାଧ କୁହାଯାଏ । କିଶୋର ଅପରାଧିମାନଙ୍କୁ ସୁଧାର କରାଯାଇଥାଏ, ଥଇଥାନ ମଧ୍ୟ କରାଯାଇଥାଏ । କିନ୍ତୁ ବୟସ୍କ ଅପରାଧିମାନଙ୍କୁ ଦଣ୍ଡିତ କରାଯାଏ । କିଶୋର ଅପରାଧିମାନେ ବିଭିନ୍ନ ପ୍ରକାରର ଅପରାଧ, ଯଥା - ଲୁଟପାଟ, ଚୋରୀ, ଡକେଇତି, ବେଶ୍ୟାବୃତ୍ତି, ଧର୍ଷଣ, ବାଡ଼ିଆପିଟା, ଠେଲାପେଲା, ହତ୍ୟା, ହତ୍ୟା ଉଦ୍ୟମ ତଥା ପ୍ରତିଶୋଧମୂଳକ ଅପରାଧ ଆଦିରେ ସଂପୃକ୍ତ ଥା'ନ୍ତି । ସେମାନେ ମଦ୍ୟପାନ ଓ ନିଶାସେବନ ମଧ୍ୟ କରିଥା'ନ୍ତି । ସେମାନେ ଲୁଣ୍ଠନ, ଡକାୟତି, ଚୋରୀ ଓ ହତ୍ୟା ଇତ୍ୟାଦିରୁ ଅର୍ଥ ରୋଜଗାର କରିଥା'ନ୍ତି ଓ ବିଭିନ୍ନ ଅନୈତିକ କାର୍ଯ୍ୟରେ ସେହି ଅର୍ଥକୁ ବିନିଯୋଗ କରିଥା'ନ୍ତି, ଯେପରିକି ଆଧୁନିକ ଅସ୍ତ୍ରଶସ୍ତ୍ର କ୍ରୟ କରି ଆହୁରି ଅପରାଧ କରି ପାରିବେ ।

କିଶୋର ଅପରାଧିମାନେ ସମାଜର ମୂଲ୍ୟବୋଧ ଓ ପ୍ରତିମାନ ସବୁକୁ ଖାତିର କରନ୍ତି ନାହିଁ, ସେମାନେ ମୃତ୍ୟୁକୁ ବି ଭୟ କରନ୍ତି ନାହିଁ । ସେମାନଙ୍କର ନିଜ ପିତାମାତାଙ୍କ ସହ ସଂପର୍କ ନ ଥାଏ । ଏହା ସତ୍ୟ ଯେ ଉପଯୁକ୍ତ ଯତ୍ନ କରାଗଲେ, କିଶୋର ଅପରାଧିମାନଙ୍କର ବ୍ୟବହାରରେ ପରିବର୍ତ୍ତନ ହୋଇପାରିବ । ଏପରି ଅନେକ ଉଦାହରଣ ରହିଛି ଯେଉଁଥିରେ ଅନେକ ଯୁବ ଅପରାଧି ସେମାନଙ୍କର ବ୍ୟବହାର ପରିବର୍ତ୍ତନ କରି ସ୍ୱାଭାବିକ ଓ ନିୟମିତ ଜୀବନ ନିର୍ବାହ କରିଛନ୍ତି । କିନ୍ତୁ କେତେକ କିଶୋର ଅପରାଧି ବଡ଼ ବଡ଼ ଅପରାଧଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ଗ୍ୟାଙ୍ଗ୍‌ରେ ଯୋଗ ଦିଅନ୍ତି ଓ ପରବର୍ତ୍ତୀ ଜୀବନରେ ନିଜେ ବଡ଼ ବଡ଼ ଅପରାଧି ପାଲଟି ଯା'ନ୍ତି ।





କୌଣସି ପିଲା ଜନ୍ମରୁ କିଶୋର ଅପରାଧି ହୋଇ ନ ଥାଏ । ତା' ପ୍ରତି ସମାଜର ବ୍ୟବହାର, ତାକୁ ଏକ ଅପରାଧି କରିଦିଏ । ପିତାମାତାଙ୍କର କଠୋର ବ୍ୟବହାର, ସାବତ ପିତାମାତାଙ୍କର କଟୁକ୍ତି, ଜ୍ଞାତି, ପଡ଼ୋଶୀ ଓ ସମୁଦାୟ ସଦସ୍ୟଙ୍କର ଅସହ୍ୟ ବ୍ୟବହାର, ଏକ ପିଲାକୁ ଅପରାଧି କରିଦିଏ । ଦାରିଦ୍ର୍ୟ ଓ ମୌଳିକ ଆବଶ୍ୟକତାର ଅଭାବ ମଧ୍ୟ କିଶୋରାବସ୍ଥାରେ ଅପରାଧ ପ୍ରବଣତା ବଢ଼ାଇଥାଏ । ପିତାମାତାଙ୍କ ସଂପତ୍ତିରୁ ବଂଚିତ ହେବା ଦ୍ୱାରା ମଧ୍ୟ ଜଣେ କିଶୋର ଅପରାଧି ପାଲଟି ଯାଇଥାଏ । ଶ୍ରେଣୀ-ମିତ୍ର ଓ ଶିକ୍ଷକଙ୍କର ଦୁର୍ବ୍ୟବହାର, ଶାରିରୀକ ବିକଳାଙ୍ଗତା ଯୋଗୁଁ ଥଟ୍ଟା ପରିହାସ ଇତ୍ୟାଦି ମଧ୍ୟ କିଶୋରାବସ୍ଥାର ଅପରାଧକୁ ପ୍ରୋତ୍ସାହିତ କରିଥାଏ । ଔଦ୍ୟୋଗିକିକରଣ, ସହରୀକରଣ ଓ ଆଧୁନିକୀକରଣ ଇତ୍ୟାଦି ପ୍ରକ୍ରିୟା ଆମ ଦେଶରେ କିଶୋରାବସ୍ଥାର ଅପରାଧକୁ ବଢ଼ାଇ ଦେଇଛନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୧.୪

**ନିମ୍ନୋକ୍ତ ପ୍ରତି ବକ୍ତବ୍ୟ ପାଇଁ ହଁ କିମ୍ବା ନାହିଁ ଲେଖ ।**

୧. କିଶୋର ଅପରାଧ ହେଉଛି ପିଲାମାନଙ୍କ ଦ୍ୱାରା ସଂଘଟିତ ଅସାମାଜିକ ବ୍ୟବହାର ।

୨. ସାମାଜିକ ଦୃଷ୍ଟିକୋଣରୁ କିଶୋର ଅପରାଧ ହେଉଛି ସମାଜର ପ୍ରତିମାନ ଓ ମୂଲ୍ୟବୋଧକୁ ପିଲାମାନଙ୍କର ଉଲ୍ଲଂଘନ କରିବା ।

୩. ଆଇନ୍‌ଗତ ଦୃଷ୍ଟିକୋଣରୁ କିଶୋର ଅପରାଧ ହେଲା ଆଇନ୍ ଆଖିରେ ପିଲାମାନଙ୍କ ଦ୍ୱାରା ଘଟିଥିବା ଅପରାଧ ।

୪. କିଶୋର ଅପରାଧିମାନଙ୍କୁ ସଂଶୋଧନ ଓ ଥଇଥାନ କରାଯାଇଥାଏ ।

୫. କୌଣସି ବି ପିଲା ଜନ୍ମରୁ ଅପରାଧି ହୋଇ ନ ଥାଏ ।

## ୨୧.୫ ମଦ୍ୟପାନ ଆସକ୍ତି (ALCOHOLISM)

ଆପଣମାନେ ମଦ୍ୟପାନ ବିଷୟରେ ଶୁଣିଥିବେ । ଆପଣମାନେ ଏହା ମଧ୍ୟ ଦେଖିଥିବେ ଯେ କିପରି ମଦ୍ୟପାନ କଲାପରେ ଲୋକମାନେ ରାସ୍ତାରେ ଗଡ଼ନ୍ତି । ମଦ୍ୟପାନ ଆସକ୍ତିର ସରଳ ଅର୍ଥ ହେଲା ମଦ୍ୟପାନକୁ ଏକ ନିଶାରେ ପରିଣତ କରିବା । ମଦ୍ୟପାନର ଇତିହାସ ସଭ୍ୟତାର ଇତିହାସ ଭଳି ପୁରାତନ । ଏ ସମଗ୍ର ବିଶ୍ୱରେ ଏପରି କୌଣସି ସମାଜ, ସମୁଦାୟ ଓ ଯୁଗ ନ ଥିବ, ଯେଉଁଠାରେ ମଦ୍ୟପାନ ପ୍ରଚଳିତ ନ ଥିବ ।

ଏପରି କେତେକ ସମାଜ ଅଛନ୍ତି ଯେଉଁଠାରେ ସ୍ଥାନୀୟ ବିୟର ପିଇବାର ଅନୁମତି ରହିଛି । ଜନଜାତି ସମୁଦାୟର ଲୋକମାନେ 'ହାଣ୍ଡିଆ' ବା 'ତାଡ଼ି' (ପଖାଳ ତୋରାଣିରୁ ପ୍ରସ୍ତୁତ କରାଯାଉଥିବା ଏକ ପ୍ରକାର ମଦ୍ୟ)କୁ ପ୍ରସ୍ତୁତ କରି ପରିବାରର ସମସ୍ତ ସଦସ୍ୟ (ପୁରୁଷ, ମହିଳା, ପିଲା) ପି' ଥାନ୍ତି । ଏହି ପରଂପରା ବିଶେଷ କରି ଉତ୍ସବ ଅନୁଷ୍ଠାନରେ ଦେଖାଯାଇଥାଏ । ସେମାନେ ମଧ୍ୟ ମହୁଲ ଫୁଲରୁ ମହୁଲି ମଦ ପ୍ରସ୍ତୁତ କରିଥା'ନ୍ତି । ହିନ୍ଦୁ ସଂସ୍କୃତିରେ ପୁରୁଷମାନଙ୍କୁ ମଦ୍ୟପାନ କରିବାର ଅନୁମତି ରହିଛି । ତେବେ ଏହି ମଦ୍ୟ କେବଳ ଭାଙ୍ଗ ପରି ନିଶା ଓ ମହୁଲୀ ପାନୀୟ ହୋଇଥାଏ, ଅନ୍ୟ କିଛି ନୁହେଁ । ଆଜିକାଲି, ଆଧୁନିକତାର ପ୍ରଭାବରେ ବିବାହ ଉତ୍ସବ ତଥା ଅନ୍ୟାନ୍ୟ ବୃତ୍ତିଭିତ୍ତିକ ସମାରୋହମାନଙ୍କରେ ମଦ୍ୟପାନ ଏକ ସାଧାରଣ କଥା ହୋଇଯାଇଛି । ଏପରିକି ମଦ୍ୟପାନ ନ କରୁଥିବା ଲୋକମାନଙ୍କୁ

ଟୀପ୍‌ପଣୀ

ମରହଟ୍ଟା ଯୁଗୀୟ ଓ ପୁରୁଣା କାଳିଆ ଚିନ୍ତାଧାରାର କହି ଥଟ୍ଟା ପରିହାସ ମଧ୍ୟ କରାଯାଉଛି । ଗରିବ ଲୋକମାନେ ଦେଶୀ ତଥା ନିମ୍ନମାନର ମଦ୍ୟପାନ କରୁଥିଲାବେଳେ ଧନୀମାନେ ବିଦେଶରେ ପ୍ରସ୍ତୁତ ଉତ୍ତମମାନର ମଦ ଯଥା - ହ୍ୱିସ୍କି, ରମ୍, ସ୍କଚ ଓ ଭୋଡ଼୍‌କା ଇତ୍ୟାଦି ପାନ କରିଥା'ନ୍ତି । ସେମାନେ ପ୍ରାୟତଃ ରାତ୍ରିଭୋଜନର ପୂର୍ବରୁ ମଦ୍ୟପାନ କରିଥା'ନ୍ତି । ପ୍ରାୟ ଶୀତଳ ପରିବେଶର ଲୋକମାନେ ମଦ ପିଅନ୍ତି, କାରଣ ସେମାନଙ୍କର ଶରୀରର ଉଷ୍ଣତା ରକ୍ଷା ନ ହେଲେ ସେମାନେ ମରିଯିବେ । ସେନାବାହିନୀରେ କାର୍ଯ୍ୟକରୁଥିବା ଲୋକ, ବିଦେଶୀ କୂଟନୀତିଜ୍ଞ, ଡାକ୍ତର, ଆଇନ୍ ବିଶାରଦ, ଶିଳ୍ପପତି ଓ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ ମାନଙ୍କ କ୍ଷେତ୍ରରେ ମଦ୍ୟପାନ ଏକ ସ୍ୱୀକୃତ ଆଚରଣ ଭାବରେ ଗୃହୀତ । ବିବାହାଦି ଉତ୍ସବ ଅନୁଷ୍ଠାନ ଓ ପାର୍ଟି ଇତ୍ୟାଦିରେ ମଦ୍ୟପାନକୁ ପ୍ରସ୍ଥିତିର ପ୍ରତୀକ ହିସାବରେ ଗ୍ରହଣ କରାଯାଉଛି । ମଦ୍ୟପାନ କରୁଥିବା ବ୍ୟକ୍ତିମାନେ ଦାବି କରନ୍ତି ଯେ ମଦ୍ୟପାନ ବ୍ୟକ୍ତିକୁ ସୁଖ ପ୍ରଦାନ କରିଥାଏ । ଏଣୁ କେତେକ ସାମାଜିକ ଉତ୍ସବ ଅନୁଷ୍ଠାନରେ ମଦ୍ୟପାନକୁ ସାମାଜିକ ସ୍ୱୀକୃତି ପ୍ରଦାନ କରାଯାଇଛି । କିନ୍ତୁ ଏକ ସାମାଜିକ ବିଚ୍ୟୁତି ହିସାବରେ ମଦ୍ୟପାନକୁ ସାମାଜିକ ଅନୁମତି ମିଳିନାହିଁ । ମଦ୍ୟାସକ୍ତିକୁ ଏକ କୁ-ଅଭ୍ୟାସ ହିସାବରେ ଗ୍ରହଣ କରାଯାଇଛି, ଯାହାକି ବ୍ୟକ୍ତିତ୍ୱ ବିଘଟନରେ ସାହାଯ୍ୟ କରେ । ଏହା ପରିବାର ତଥା ସାମାଜିକ ବିଘଟନକୁ ମଧ୍ୟ ଅପ୍ରତ୍ୟକ୍ଷ ଭାବରେ ସୃଷ୍ଟି କରିଥାଏ ।

ମଦ୍ୟପାନକୁ ଅଭ୍ୟାସରେ ପରିଣତ କରିଥିବା ବ୍ୟକ୍ତିକୁ 'ମଦ୍ୟପ' ବା 'ମଦୁଆ' କୁହାଯାଏ । ସେ କେବଳ ପରିବାରରେ ନୁହେଁ, ସମଗ୍ର ସମାଜରେ ଆଦର ସମ୍ମାନ ହରାଇଥାଏ । ସେ ତା'ର ସନ୍ତାନମାନଙ୍କର ଯତ୍ନ ନେବାକୁ ଅକ୍ଷମ ହୋଇଥାଏ । ସ୍ତ୍ରୀକୁ ମାରପିଟ କରି ଗହଣା ସବୁ ଛଡ଼େଇ ନେଇଥାଏ । ମଦ୍ୟପାନ ଉଦ୍ଦେଶ୍ୟରେ ସେହି ଅଳଙ୍କାର ସବୁକୁ ସେ ବିକ୍ରୀ କରିଦେଇଥାଏ । ସେହିପରି ଲୋକମାନଙ୍କର ଅକାଳ ମୃତ୍ୟୁ ହୋଇଥାଏ । ମଦ୍ୟପାନ କରିବା ପାଇଁ ସେମାନେ ନିଜର ଘର ବାଡ଼ି ଇତ୍ୟାଦି ବିକ୍ରୀ କରିଦିଅନ୍ତି । ସେମାନେ ନିଜ ସ୍ତ୍ରୀ, ପିଲା ଓ ଅନ୍ୟ ପରିବାର ସଦସ୍ୟଙ୍କୁ ଭାଗ୍ୟ ଭରସାରେ ଛାଡ଼ି ଦେଇଥା'ନ୍ତି । ସେମାନେ ମଧ୍ୟ ଅନ୍ୟାନ୍ୟ ସମସ୍ୟା, ଯେପରିକି ଚୋରୀ, ଡକାୟତି, ଯୌନ ଅପରାଧ, ହତ୍ୟା, ଆତ୍ମହତ୍ୟା ଇତ୍ୟାଦିରେ ସଂଶ୍ଳିଷ୍ଟ ହୋଇପଡ଼ନ୍ତି ।

ଲୋକମାନେ ସାମାଜିକ ଉତ୍ସବାନୁଷ୍ଠାନ, ପାର୍ଟି ଇତ୍ୟାଦିକୁ ଉପଭୋଗ କରିବା ଉଦ୍ଦେଶ୍ୟରେ ମଦ୍ୟପାନ କରନ୍ତି । କେତେକ ଲୋକ ହତାଶା ଭାବ ଓ ମାନସିକ ଉତ୍ତେଜନା ହ୍ରାସ କରିବାକୁ ମଦ୍ୟପାନ କରିଥା'ନ୍ତି । କେତେକ ଶରୀରର କ୍ଳାନ୍ତି ମେଣ୍ଟାଇବାକୁ ମଧ୍ୟ ମଦ୍ୟପାନ କରିଥା'ନ୍ତି । ଆଉ କେତେକ ସେମାନଙ୍କର ଧନ ସଂପତ୍ତି ତଥା ସାମାଜିକ ପ୍ରତିଷ୍ଠା ପ୍ରଦର୍ଶନ କରିବାକୁ ମଦ୍ୟପାନ କରନ୍ତି । ଅନ୍ୟ କେତେ ଲୋକ ଆଧୁନିକ 'ଶୈଳୀ' ବା 'ଫ୍ୟାସନ'ର ବଶବର୍ତ୍ତୀ ହୋଇ ମଦ୍ୟପାନ କରିଥା'ନ୍ତି । କିନ୍ତୁ ସେମାନେ ଯେତେବେଳେ ମଦ୍ୟପାନ ପ୍ରତି ଅତ୍ୟଧିକ ଆସକ୍ତ ହୋଇ ପଡ଼ନ୍ତି ଓ ନିଜର ଦାୟିତ୍ୱବୋଧକୁ ଓ କର୍ତ୍ତବ୍ୟକୁ ଭୁଲିଯାଇ ପରିବାର ଓ ସମାଜକୁ ଅବହେଳା କରନ୍ତି, ସେତେବେଳେ ସେମାନେ ସମାଜର ମୂଲ୍ୟବୋଧ ଓ ପ୍ରତିମାନରୁ ବିଚ୍ୟୁତ ହୋଇପଡ଼ନ୍ତି ଓ ଅସାମାଜିକ କାର୍ଯ୍ୟକଳାପରେ ସଂପୃକ୍ତ ହୋଇପଡ଼ନ୍ତି ।

ଆମ ଦେଶର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବକାରୀ ବିଭାଗ ମଦ୍ୟ ପ୍ରସ୍ତୁତି ଓ ବିକ୍ରୟକୁ ନିୟନ୍ତ୍ରଣ କରିଥା'ନ୍ତି । କିନ୍ତୁ ସରକାରୀ ନୀତି ଓ ବଡ଼ ବଡ଼ ଶିଳ୍ପପତି ତଥା ବ୍ୟାପାରୀମାନେ 'ମଦ୍ୟ ନିଷେଧ' (prohibition) କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରନ୍ତି । ଔଦ୍ୟୋଗିକୀକରଣ ଓ ଆଧୁନିକୀକରଣ ଫଳରେ ମଦ୍ୟପାନ ବୃଦ୍ଧି ପାଇଛି ଓ ଏହା ସରକାରଙ୍କର ରାଜସ୍ୱ ଆଦାୟର ଏକ ପ୍ରମୁଖ ମାଧ୍ୟମ ହୋଇଯାଇଛି ।



ଟୀପ୍‌ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୨୧.୫

**ନିମ୍ନରେ ପ୍ରଦତ୍ତ 'କ' ଓ 'ଖ' ବିଭାଗ ମଧ୍ୟରେ ଯଥାର୍ଥ ସମ୍ବନ୍ଧ ସ୍ଥାପନ କରନ୍ତୁ ।**

| | 'କ' | 'ଖ' |
|---|---|---|
| ୧. | ମଦ୍ୟପାନ ଆସକ୍ତି | ୧. ବ୍ୟକ୍ତିତ୍ୱ, ପରିବାର ଓ ସାମାଜିକ ବିଘଟନ ଘଟିଥାଏ |
| ୨. | ସ୍ଥାନୀୟ ବିୟର ପାନର ଅନୁମତି | ୨. କିନ୍ତୁ ଧନୀମାନେ ବିଦେଶରେ ପ୍ରସ୍ତୁତ ଉତ୍ତମ ମାନର ମଦ୍ୟପାନ କରନ୍ତି । |
| ୩. | ଯେଉଁମାନେ ମଦ୍ୟପାନ ଅଭ୍ୟାସରେ ଆସକ୍ତ | ୩. ପ୍ରାୟ ସମସ୍ତ ସମାଜରେ ପ୍ରଚଳିତ |
| ୪. | ଗରିବମାନେ ନିମ୍ନମାନର ଦେଶୀମଦ୍ୟପାନ କଲାବେଳେ | ୪. ସାମାଜିକ ଉତ୍ସବାନୁଷ୍ଠାନରେ ଅନୁମତି ଦିଆଯାଏ |
| ୫. | ମଦ୍ୟପାନ ଆସକ୍ତି ଦ୍ୱାରା | ୫. ସେମାନେ ମଦ୍ୟପ ହୋଇଯାନ୍ତି |

## ୨୧.୬ ନିଶାଗ୍ରସ୍ତତା (DRUG ADDICTION)

ଆପଣ କ'ଣ ଜାଣନ୍ତି ନିଶାଗ୍ରସ୍ତତା କାହାକୁ କହନ୍ତି ? ମଦକୁ ଛାଡ଼ି ଅନ୍ୟ ମାଦକ ଦ୍ରବ୍ୟର ଅଭ୍ୟାସଗତ ସେବନକୁ ନିଶାଗ୍ରସ୍ତତା କୁହନ୍ତି । ଆମ ଦେଶର ପ୍ରାୟ ସମସ୍ତ ଅଞ୍ଚଳ ନିଶାଗ୍ରସ୍ତତାର ବ୍ୟାଧିରେ ଆକ୍ରାନ୍ତ । ଆମ ଦେଶର ପ୍ରାୟ 70 ଲକ୍ଷ ଲୋକ ବିଭିନ୍ନ ମାଦକ ଦ୍ରବ୍ୟ ସେବନରେ ଆସକ୍ତ । କେବଳ ଦିଲ୍ଲୀରେ 25 % ଛାତ୍ର ଏଥିରେ ଆକ୍ରାନ୍ତ । ଏଠାରେ ଲୋକମାନେ ତମାଖୁ, ଗଞ୍ଜେଇ, ଭାଙ୍ଗ, ଚରସ ଓ ଅଫିମ ଇତ୍ୟାଦି ମାଦକ ଦ୍ରବ୍ୟ ସେବନର ଅଭ୍ୟାସରେ ଆକ୍ରାନ୍ତ । କେଉଁ ଆବହମାନ କାଳରୁ ଆମ ଦେଶରେ ଏହିସବୁ ନିଶା ଦ୍ରବ୍ୟର ବୃକ୍ଷମାନେ ଦେଖାଯା'ନ୍ତି । ଏହି ମାଦକ ଦ୍ରବ୍ୟ ସବୁର ସେବନକୁ ବିଭିନ୍ନ ସାମାଜିକ ଉତ୍ସବାନୁଷ୍ଠାନ ମାନଙ୍କରେ ସାଂସ୍କୃତିକ ସ୍ୱୀକୃତି ମିଳିଛି । ସେମାନଙ୍କ ମଧ୍ୟରୁ କେତେକଙ୍କୁ ଔଷଧ ଭାବରେ ମଧ୍ୟ ପ୍ରୟୋଗ କରାଯାଏ । କିନ୍ତୁ ଆଜିକାଲି ଅନେକ ଲୋକ ଏହିସବୁ ନିଶାର ଅଭ୍ୟସ୍ତ ହୋଇ ଯାଇଛନ୍ତି । ସେମାନେ ସେହି ସବୁ ନିଶାକୁ ଛାଡ଼ି ବଞ୍ଚିପାରିବେ ନାହିଁ । ଏହା ବ୍ୟତୀତ, ଆଜିର ଯୁବକ ଯୁବତୀମାନେ ପାରଂପରିକ ନିଶାଦ୍ରବ୍ୟକୁ ଛାଡ଼ି ଆଧୁନିକ ନିଶାଦ୍ରବ୍ୟ, ଯେପରିକି ହେରୋଇନ୍, ମୋରଫେମ୍ସ, ସ୍ମାକ୍ ମାନ୍‌ଡ୍ରେକ୍ସ, ତଥା ଏଲ.ଏସ୍.ଡ଼ି (LSD) ଇତ୍ୟାଦିର ଅଭ୍ୟାସରେ ଆକ୍ରାନ୍ତ ହୋଇଛନ୍ତି ।

ଅଭ୍ୟାସଗତ ନିଶା ସେବନକୁ ନିଶାଗ୍ରସ୍ତତା କୁହାଯାଏ । ଆମ ଦେଶରେ ଦୁଇ ପ୍ରକାର ନିଶା ସେବନରେ ଲୋକମାନେ ଆକ୍ରାନ୍ତ । ସେମାନେ ହେଲେ ପାରଂପରିକ ନିଶାଦ୍ରବ୍ୟ ଓ ଆଧୁନିକ ନିଶାଦ୍ରବ୍ୟ । ତମାଖୁ, ଗଞ୍ଜେଇ, ଭାଙ୍ଗ, ଚରସ ଓ ଅଫିମ ଇତ୍ୟାଦିକୁ ପାରଂପରିକ ନିଶାଦ୍ରବ୍ୟ କୁହାଯାଏ ଏବଂ ହେରୋଇନ୍, ଚରସ, ବ୍ରାଉନ୍ ସୁଗାର, ହାସିସ୍ ଓ ସ୍ମାକ୍ ଇତ୍ୟାଦିକୁ ଆଧୁନିକ ନିଶାଦ୍ରବ୍ୟ କହନ୍ତି ।

ନିଶାଗ୍ରସ୍ତତା ଅନେକ ଦିଗରୁ କ୍ଷତିକାରକ ଅଟେ । ଏହା ବ୍ୟକ୍ତିକୁ ଦୁର୍ବଳ କରି ଦେବା ସଙ୍ଗେ ସଙ୍ଗେ ତାକୁ ଅକାଳ ମୃତ୍ୟୁ ମୁଖକୁ ଠେଲିଦିଏ । ଏହା ବ୍ୟକ୍ତିତ୍ୱ, ପରିବାର ଏବଂ ସାମାଜିକ ବିଘଟନ ପାଇଁ ଦାୟୀ । ଏହା ପ୍ରଶାସନ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିଥାଏ । ଅପରାଧ ଓ ନିଶାଗ୍ରସ୍ତତା ମଧ୍ୟରେ ଏକ ଘନିଷ୍ଠ ସଂପର୍କ ରହିଛି । ନିଶାଗ୍ରସ୍ତ ବ୍ୟକ୍ତିମାନେ ଆତ୍ମହତ୍ୟା, କଳହ, ଯୌନ ଅପରାଧ ଏବଂ ହତ୍ୟା ଇତ୍ୟାଦି ଅପରାଧ କରିଥା'ନ୍ତି ।



ଟୀପ୍‌ପଣୀ

ନିଶାଗ୍ରସ୍ତତା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ରେ ଦେଖାଯାଏ । ଗ୍ରାମାଞ୍ଚଳରେ ବହୁ ସଂଖ୍ୟକ ଯୁବକ ଆଜି ଗଞ୍ଜେଇ, ଭାଙ୍ଗ, ତମ୍ବାଖୁ, ସିଗାରେଟ୍, ଅଫିମ ଇତ୍ୟାଦି ନିଶାଦ୍ରବ୍ୟରେ ଆସକ୍ତ । ସହରାଞ୍ଚଳରେ ମଧ୍ୟ ଯୁବକ, ଯୁବତୀମାନେ ଚରସ, ହେରୋଇନ୍, ମୋରଫେମ୍ସ, ହାସିସ ମେଣ୍ଡ୍ରାକ୍ସ ଓ ଏଲ୍.ଏସ୍.ଡ଼ି. (LSD) ଇତ୍ୟାଦି ନିଶାଦ୍ରବ୍ୟ ସେବନରେ ଆସକ୍ତ । ଗ୍ରାମାଞ୍ଚଳରେ ଲୋକମାନେ ଆଧୁନିକ ନିଶାଦ୍ରବ୍ୟ ବିଷୟରେ ବିଶେଷ ଜାଣି ନ ଥିଲେ ମଧ୍ୟ ଧୀରେ ଧୀରେ ଆଧୁନିକୀକରଣ ପ୍ରଭାବରେ ସେସବୁ ପ୍ରତି ଆକର୍ଷିତ ହେଉଛନ୍ତି ।

ଆମ ଦେଶର ଯୁବଗୋଷ୍ଠୀ ସଂଭ୍ରାନ୍ତତାର ପ୍ରତୀକ ତଥା 'ଫ୍ୟାସନ' କାରଣ ହେତୁ, କୁ-ସଙ୍ଗ କାରଣରୁ ହତାଶାଭାବରୁ ମୁକ୍ତି ପାଇବା ଉଦ୍ଦେଶ୍ୟରେ ନିଶାଗ୍ରସ୍ତତାର ଶିକାର ହେଉଛନ୍ତି । ପୁନଶ୍ଚ ଦାରିଦ୍ର୍ୟ ଓ ବେକାରୀର କଷ୍ଟକୁ ଦୂରେଇ ଦେବା ପାଇଁ ମଧ୍ୟ ନିଶା ସେବନ କରୁଛନ୍ତି । ଟିଭି ଓ ସିନେମାର ପ୍ରଭାବରେ ମଧ୍ୟ ଯୁବକମାନେ ନିଶାଦ୍ରବ୍ୟ ପ୍ରତି ଆଗ୍ରହୀ ହେଉଛନ୍ତି ।


ଉଭୟ ଧନୀ ଓ ଗରିବ ପରିବାରର ଯୁବକମାନେ ନିଶାଦ୍ରବ୍ୟ ସେବନରେ ସଂପୃକ୍ତ । ଶିକ୍ଷିତ ଓ ଅଶିକ୍ଷିତ ଯୁବକମାନେ ମଧ୍ୟ ଏଥିରେ ସାମିଲ ଅଛନ୍ତି । ଆଜିକାଲି ସହରାଞ୍ଚଳରେ ଯୁବତୀମାନେ ମଧ୍ୟ ନିଶାଗ୍ରସ୍ତତାର ଶିକାର ହେଉଛନ୍ତି ।

ତେବେ ଏହା ସରକାରଙ୍କର ରାଜସ୍ୱ ଆୟର ମୁଖ୍ୟ ସ୍ରୋତ ହୋଇଥିବାରୁ ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଥିବା ଦରକାର । ପୁନଶ୍ଚ, ଅସାଧୁ ରାଜନେତା, ଶିଳ୍ପପତିମାନେ ନିଶାଦ୍ରବ୍ୟ ସେବନର ନିୟନ୍ତ୍ରଣରେ ବାଧକ ସାଜୁଛନ୍ତି । ଏହିସବୁ ନିଶାଦ୍ରବ୍ୟ, ପ୍ରଶାସନର ଉଦାସୀନତା ତଥା ପ୍ରଚ୍ଛନ୍ନ ସମର୍ଥନ ଯୋଗୁଁ ଆମ ଦେଶକୁ ବହୁ ପରିମାଣରେ ଚୋରା ଚାଲାଣ ହେଉଛି । କୁଖ୍ୟାତ ଭୂମି-ଗତ ଅପରାଧିମାନେ ଏହି ନିଶାଦ୍ରବ୍ୟ ଚୋରା ଚାଲାଣରୁ କୋଟି କୋଟି ଟଙ୍କା ଆୟ କରୁଛନ୍ତି । ରାଜସ୍ୱ ବିଭାଗ ସେମାନଙ୍କଠାରୁ ଲାଞ୍ଚ ନେଇ ସେମାନଙ୍କର ବେଆଇନ୍ କାର୍ଯ୍ୟ ପ୍ରତି ଜାଣିଶୁଣି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଏହି ନିଶାଦ୍ରବ୍ୟ ଚୋରା ବେପାରୀ ମାନେ ବଡ଼ ବଡ଼ ରାଜନୈତିକ ଦଳକୁ ନିର୍ବାଚନ ଲଢ଼ିବା ପାଇଁ ମୋଟା ଚାନ୍ଦା ଦେଉଛନ୍ତି । ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କୁ ସୁରକ୍ଷା ଦେଉଛନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୧.୬

**ନିମ୍ନୋକ୍ତ 'କ' ଓ 'ଖ' ସ୍ତମ୍ଭ ମଧ୍ୟରେ ସଂପର୍କ ସ୍ଥାପନ କରନ୍ତୁ ।**

| | 'କ' | 'ଖ' |
|---|---|---|
| ୧. | ନିଶାଗ୍ରସ୍ତତା ହେଉଛି | ୧. ଆମ ଦେଶରେ ବ୍ୟାପକ ଭାବରେ ହେଉଛି |
| ୨. | ତମ୍ବାଖୁ, ଗଞ୍ଜେଇ, ଭାଙ୍ଗ ଚରସ ଓ ଅଫିମ | ୨. ହେଉଛନ୍ତି ଆଧୁନିକ ନିଶାଦ୍ରବ୍ୟ |
| ୩. | ହେରୋଇନ, ସ୍ମାକ୍, ମେଣ୍ଡ୍ରେକ୍ସ, ଏଲ୍.ଏସ୍.ଡ଼ି. | ୩. ମାନସିକ ଅନଗ୍ରସରତା ସୃଷ୍ଟି |
| ୪. | ନିଶାଦ୍ରବ୍ୟ ଚୋରା ଚାଲାଣ | ୪. ହେଉଛନ୍ତି ପାରଂପରିକ ନିଶାଦ୍ରବ୍ୟ |
| ୫. | ନିଶାଦ୍ରବ୍ୟର ଆସକ୍ତି | ୫. ଅଭ୍ୟାସଗତ ନିଶା ସେବନ |



ଟୀପ୍‌ପଣୀ

## କ'ଣ ଶିଖିଲେ

- ➪ ସାମାଜିକ ବିଚ୍ୟୁତି ହେଉଛି ସେହିସବୁ ବ୍ୟବହାର ଯାହା ସମାଜର ପ୍ରତିମାନ ଓ ମୂଲ୍ୟବୋଧ ଇତ୍ୟାଦିକୁ ଅମାନ୍ୟ କରିଥା'ନ୍ତି ବା ଅନୁପାଳନ କରି ନ ଥା'ନ୍ତି । ଏହିସବୁ ବ୍ୟବହାରକୁ ଅସାମାଜିକ ବ୍ୟବହାର କୁହାଯାଏ ଓ ଏଥିପାଇଁ ସାମାଜିକ ସ୍ୱୀକୃତି ନ ଥାଏ ।
- ➪ ଯେଉଁ ସବୁ ବ୍ୟବହାର ସମାଜର ପ୍ରତିମାନ ଓ ମୂଲ୍ୟବୋଧ ଅନୁରୂପ ହୋଇ ନ ଥାଏ ତଥା ରାଷ୍ଟ୍ରଦ୍ୱାରା ପ୍ରଣୀତ ଆଇନ୍‌ର ବିରୁଦ୍ଧାଚରଣ କରିଥାଏ, ସେହି ସବୁକୁ ଅପରାଧ କୁହାଯାଏ । ଅପରାଧିମାନେ ଆଇନ୍ ବିରୁଦ୍ଧ କାମ କରୁଥିବାରୁ ସେମାନଙ୍କୁ ଦଣ୍ଡିତ କରାଯାଏ ।
- ➪ ଯେଉଁ ବ୍ୟବହାର ମଧ୍ୟରେ ପିଲା ତା'ର ସ୍କୁଲରୁ ବିନା ଅନୁମତିରେ ଲୁଚି ପଳାଏ, ତାହାକୁ ବିଦ୍ୟାଳୟ-ପଳାୟନ ବା ଟ୍ରୁଆନ୍ସି (Truancy) କୁହାଯାଏ । ଏହା ପରିଶେଷରେ କିଶୋର ଅପରାଧ, ଜୁଆ, ନିଶାସେବନ ତଥା ନିଶା ଆସକ୍ତିରେ ପରିଣତ ହୁଏ ।
- ➪ ଯେଉଁ ବ୍ୟବହାରର ବଶବର୍ତ୍ତୀ ହୋଇ ପିଲା ଇତଃସ୍ତତ ହୋଇ ବୁଲେ ତଥା ଲକ୍ଷ୍ୟହୀନ ବିଚରଣ କରେ ତାହାକୁ 'ବାରବୁଲା ପଣିଆ' ବା ଭାଗ୍ରାନ୍ସି (Vagrancy) କୁହାଯାଏ । ଏହି ବାରବୁଲା ପଣିଆରୁ କଳହ, ଅପରାଧ, ମଦ୍ୟପାନ ତଥା ନିଶା ଆସକ୍ତି ସୃଷ୍ଟି ହୁଏ । ଏକ ନିର୍ଦ୍ଦିଷ୍ଟ ବୟସ ସୀମା ମଧ୍ୟରେ ଥିବା ପିଲା ଦ୍ୱାରା ହେଉଥିବା ଅପରାଧକୁ କିଶୋର ଅପରାଧ ବା ଜୁଭେନାଇଲ ଡ଼େଲିନ୍‌କ୍ୱେନ୍ସି (Juvenile Delinquency) କୁହାଯାଏ । ଏହା ଏକ ସାମାଜିକ ବିଘଟନ ଅଟେ । ଏହାପାଇଁ ବର୍ତ୍ତମାନ ଦଣ୍ଡବିଧାନ କରାଯାଏ । କିଶୋର ଅପରାଧିମାନଙ୍କୁ ଥଇଥାନ ମଧ୍ୟ କରାଯାଏ ।
- ➪ ଅଭ୍ୟାସଗତ ମଦ୍ୟପାନକୁ ମଦ୍ୟାସକ୍ତି (Alcoholism) କୁହାଯାଏ । ଏହା ବ୍ୟକ୍ତିତ୍ୱ, ପରିବାର ଓ ସାମାଜିକ ବିଘଟନ ସୃଷ୍ଟି କରେ ।
- ➪ ଅଭ୍ୟାସଗତ ନିଶାସେବନକୁ ନିଶାଗ୍ରସ୍ତତା କୁହାଯାଏ । ଏହାଦ୍ୱାରା ବ୍ୟକ୍ତିତ୍ୱ, ପରିବାର ଓ ସାମାଜିକ ବିଘଟନ ହୋଇଥାଏ ।
- ➪ ଅପରାଧ, ପଳାୟନପନ୍ଥତା, ବାରବୁଲା ପଣିଆ, କିଶୋର ଅପରାଧ ଓ ମଦ୍ୟାସକ୍ତି ତଥା ନିଶାଗ୍ରସ୍ତତାର ନିରାକରଣ ପାଇଁ ବିଭିନ୍ନ ଏଜେନ୍ସିମାନ କାର୍ଯ୍ୟ କରୁଛନ୍ତି ।

## ପାରିଭାଷିକ ଶବ୍ଦାବଳୀ (GLOSSARY)

ମଦ୍ୟାସକ୍ତି - (Alcoholism) : ଅଭ୍ୟାସଗତ ମଦ୍ୟପାନ

ଅପରାଧ - ଆଇନ୍ ଓ ସମାଜ ଆଖିରେ ହେଉଥିବା (Crime) ଅସାମାଜିକ ବ୍ୟବହାର

ଅପରାଧି (Criminal) - ଅପରାଧରେ ସଂପୃକ୍ତ ବ୍ୟକ୍ତି

ପଳାୟନପନ୍ଥୀ (Truancy) - ସ୍କୁଲ୍‌ରୁ ପଳାଇବାର ଅଭ୍ୟାସ


ପଳାୟନ ପନ୍ଥୀ (Truant) - ସ୍କୁଲ୍‌ରୁ ପଳାଇବା ପିଲା

କିଶୋର ଅପରାଧ (Delinquency) : ପିଲାମାନଙ୍କ ଦ୍ୱାରା ହେଉଥିବା ଅପରାଧ

କିଶୋର ଅପରାଧୀ (Delinquent) : ଅପରାଧ ଘଟାଉଥିବା ପିଲା

ସାମାଜିକ ବିଚ୍ୟୁତି - ସମାଜର ମୂଲ୍ୟବୋଧ ଓ ପ୍ରତିମାନରୁ ବିଚ୍ୟୁତ ହେବା

ବାରବୁଲା ପଣିଆ (Vagrancy) - ରାସ୍ତାରେ ଲକ୍ଷ୍ୟହୀନ ଭାବେ ଇତଃସ୍ତତ ହୋଇ ବୁଲିବା



ଟୀପ୍ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ

୧. ସାମାଜିକ ବିଚ୍ୟୁତି କ'ଣ ?

୨. ଅପରାଧ କହିଲେ କ'ଣ ବୁଝ ? ଅପରାଧ ଘଟିବାର ପାଞ୍ଚଟି କାରଣ ଲେଖ ।

୩. ପଳାୟନ ପନ୍ଥତା (Truancy) କହିଲେ କ'ଣ ବୁଝ ? ଏହା ଘଟିବାପାଇଁ ଦାୟୀ ପାଞ୍ଚଟି କାରଣ ଲେଖ ।

୪. ବାରବୁଲା ପଣିଆ (Vagrancy) କ'ଣ ? ଏହାର ପାଞ୍ଚଟି କାରଣ ଲେଖ ।


୫. କିଶୋର ଅପରାଧ କ'ଣ ? ଏହାର ପାଞ୍ଚଟି କାରଣ ଲେଖ ।

୬. ମଦ୍ୟାସକ୍ତି (alcoholism) କ'ଣ ? ଏହାର ଚରିଟି କୁ-ପ୍ରଭାବ ଲେଖ ।

୭. ନିଶାଗ୍ରସ୍ତତା କ'ଣ ? ଏହାର ଚରିଟି କୁ-ପ୍ରଭାବ ଲେଖ ।

## ପାଠ୍ୟଗତ ପ୍ରଶ୍ନାବଳୀ ମାନଙ୍କର ଉତ୍ତର

| | | | | | |
|---|---|---|---|---|---|
| **୨୧.୧** | ୧. ମିଥ୍ୟା | ୨. ସତ୍ୟ | ୩. ସତ୍ୟ | ୪. ସତ୍ୟ | ୫. ସତ୍ୟ |
| **୨୧.୨** | ୧. ନାହିଁ | ୨. ଅସାମାଜିକ | ୩. ବାଧକ | ୪. ପ୍ରସ୍ତୁତ | ୫. ଯା'ନ୍ତି ନାହିଁ |
| **୨୧.୩** | ୧. (ଘ) | ୨. (ଘ) | ୩. (ଘ) | ୪. (ଘ) | ୫. (ଘ) |
| **୨୧.୪** | ୧. ହଁ | ୨. ହଁ | ୩. ହଁ | ୪. ହଁ | ୫. ହଁ |
| **୨୧.୫** | ୧. (୩) | ୨. (୪) | ୩. (୫) | ୪. (୨) | ୫. (୧) |
| **୨୧.୬** | ୧. (୫) | ୨. (୪) | ୩. (୨) | ୪. (୧) | ୫. (୩) |



ଟୀପ୍ପଣୀ

# ୨୨

# ସମାଜ ଓ ପରିବେଶ (SOCIETY AND ENVIRONMENT)


**ଆ**ମ ଚାରିପାଖରେ ଥିବା ଭୂମି, ଜଳ, ବାୟୁ, ବୃକ୍ଷଲତା ଓ ଜୀବଜନ୍ତୁଙ୍କର ପ୍ରାକୃତିକ ଜଗତକୁ ପରିବେଶ କୁହାଯାଏ । ଏହା ଆମର ଅସ୍ତିତ୍ୱ ଓ ବିକାଶର ମୂଳଭିତ୍ତି ଅଟେ । ପରିବେଶର ଆଭିଧାନିକ ଅର୍ଥ ହେଲା ପାରିପାର୍ଶ୍ୱିକ ସ୍ଥିତି, ଅର୍ଥାତ୍ ଲୋକମାନଙ୍କର, ବୃକ୍ଷଲତା ଓ ଜୀବଜନ୍ତୁଙ୍କର ଉତ୍ପତ୍ତି ଓ ବିକାଶ, ତଥା ବସତି ଓ କାର୍ଯ୍ୟକାରୀତାକୁ ପ୍ରଭାବିତ କରୁଥିବା ବାହ୍ୟ ପରିସ୍ଥିତି । ପ୍ରାରମ୍ଭରେ ଆଦିମ ମଣିଷର ପରିବେଶରେ ପୃଥିବୀର ଭୌତିକ ଉପାଦାନ, ଯେପରିକି ଭୂମି, ବାୟୁ ଓ ଜଳ ଓ ଜୈବ ସମୁଦାୟ - ବୃକ୍ଷଲତା, ଜୀବଜନ୍ତୁ, ମନୁଷ୍ୟ ତଥା ସେମାନଙ୍କର ପ୍ରକାର୍ଯ୍ୟ, ସଂଗଠନ ଇତ୍ୟାଦି ସାମିଲ ଥିଲା । କିନ୍ତୁ ସମୟର ପ୍ରବାହ ତଥା ସମାଜର ବିକାଶ ସହିତ ପରିବେଶରେ ମନୁଷ୍ୟ ଜୀବନର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଦିଗଗୁଡ଼ିକ ସାମିଲ ହେଲା । ସେଥିପାଇଁ ମଣିଷକୁ ଘେରି ରହିଥିବା ପାରିପାର୍ଶ୍ୱିକ ପରିସ୍ଥିତିର ସମଷ୍ଟିକୁ (ଏକ ସମୟାବଧିରେ) ପରିବେଶ କୁହାଯାଏ ।

ଏହି ଅଧ୍ୟାୟରେ ଆମେ ପରିବେଶ ବିଷୟରେ ପଢ଼ିବା । ପରିବେଶ, ଯାହାକି ଏକ ସମୟରେ ଭୌଗୋଳିକ ଅଧ୍ୟୟନର କେନ୍ଦ୍ରବିନ୍ଦୁ ଥିଲା, ବର୍ତ୍ତମାନ ବହୁ ଅବହେଳିତ ହୋଇ ପଛରେ ପଡ଼ି ରହିଛି । କେବଳ ଏଇ କିଛି ବର୍ଷ ହେଲା ଏହା ଉପରେ ଗୁରୁତ୍ୱ ଦିଆଯାଉଛି । ପରିବେଶ-ଗତ ପ୍ରସଙ୍ଗ ସବୁ ଆଜି କେବଳ ଭୂଗୋଳର ବିଷୟ ହୋଇ ରହିନାହିଁ । ଏହା ସାଧାରଣ ମଣିଷର ମଧ୍ୟ ଧ୍ୟାନ ଆକର୍ଷଣ କରିଛି ।

## ଉଦ୍ଦେଶ୍ୟ (Objectives)

**ଏହି ଅଧ୍ୟାୟ ପଢିବା ପରେ ଆପଣ -**

- ପରିବେଶର ଅର୍ଥର ବ୍ୟାଖ୍ୟା କରିପାରିବେ;
- ମନୁଷ୍ୟ ଓ ପରିବେଶ ମଧ୍ୟରେ ଥିବା ସଂପର୍କକୁ ବ୍ୟାଖ୍ୟା କରି ପାରିବେ;
- ଜୀବମଣ୍ଡଳ (Bio-Sphere) ଓ ସାମାଜିକ ଜଗତ (Socio-Sphere)କୁ ବ୍ୟାଖ୍ୟା କରିପାରିବେ; ଏବଂ
- ମନୁଷ୍ୟ ସମାଜ ଉପରେ ପରିବେଶର ପ୍ରଭାବକୁ ବ୍ୟାଖ୍ୟା କରିପାରିବେ ।



ଟୀପ୍ପଣୀ



## ୨୨.୧ ପରିବେଶର ଅର୍ଥ (Meaning of Environment)

ବିଭିନ୍ନ ବିଷୟ ଓ ଭିନ୍ନ ଭିନ୍ନ ଲୋକଙ୍କର ଗୋଷ୍ଠୀ ପରିବେଶକୁ ଅଲଗା ଅଲଗା ଭାବରେ ବିବେଚନା କରିଛନ୍ତି । ଏହା କୁହାଯାଇପାରେ ଯେ ପରିବେଶ ହେଉଛି ଏକ ଅବିଭାଜ୍ୟ ସାମଗ୍ରିକତା, ଯାହା ସମାଜର ଭୌତିକ, ଜୈବିକ ଓ ସାଂସ୍କୃତିକ ଉପାଦାନମାନଙ୍କର ଆନ୍ତଃ-କ୍ରିୟା ଦ୍ୱାରା ଗଠିତ ଓ ଏହି ଉପାଦାନମାନେ ପରସ୍ପର ଉପରେ ନିର୍ଭରଶୀଳ ଓ ପରସ୍ପର ସହିତ ବିଭିନ୍ନ ଦିଗରୁ ସଂପୃକ୍ତ ।

ଭୌତିକ ଉପାଦାନ (ଯେପରିକି ସ୍ଥାନ, ଭୂମିର ପ୍ରକାର, ଜଳଚର, ପାଣିପାଗ, ମୃତ୍ତିକା, ପଥର ଓ ଖଣିଜ ପଦାର୍ଥ) ମାନେ ମାନବ ବସତିର ପରିବର୍ତ୍ତନୀୟ ଲକ୍ଷଣକୁ ନିରୂପଣ କରିଥା'ନ୍ତି । ଜୈବିକ ଉପାଦାନ (ଯେପରିକି, ବୃକ୍ଷଲତା, ଜୀବଜନ୍ତୁ, ସୂକ୍ଷ୍ମ-ଜୀବ ତଥା ମାନବ) ମାନେ ବାୟୋସ୍ଫିୟର ବା ଜୀବମଣ୍ଡଳକୁ ଗଠନ କଲାବେଳେ, ସାଂସ୍କୃତିକ ଉପାଦାନ (ଅର୍ଥାତ୍ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ) ମାନେ ମନୁଷ୍ୟକୃତ ଲକ୍ଷଣ ହୋଇଥା'ନ୍ତି । ଏମାନେ ସାଂସ୍କୃତିକ ପୃଷ୍ଠଭୂମି ରଚନା କରନ୍ତି ।

> ପରିବେଶ ବା 'environment' ଶବ୍ଦଟି ଫରାସୀ ଶବ୍ଦ 'environ' (ଏନଭିରନ) ବା 'environner' (ଏନ୍‌ଭିରନର) ରୁ ଆସିଛି, ଯାହାକୁ ପାରିପାର୍ଶ୍ୱ ବା ଚାରିପାଖରେ ଘେରି ହୋଇ ରହିବା ବୋଲି କୁହାଯାଏ ।

## ୨୨.୨ ପରିବେଶର ପ୍ରକାର (Types of Environment)

ପରିବେଶ ହେଉଛି ଉଭୟ ଭୌତିକ ଓ ଜୈବିକ ଧାରଣା, ଏଥିରେ ପୃଥିବୀର ସଜୀବ ଓ ନିର୍ଜୀବ ଉପାଦାନ ସମ୍ମିଳିତ ଥା'ନ୍ତି । ତେଣୁ ମୌଳିକ ସଂରଚନା ଭିତ୍ତିରେ ପରିବେଶକୁ ଦୁଇ ମୁଖ୍ୟ ଭାଗରେ ବିଭକ୍ତ କରାଯାଇପାରେ -

୧. ଭୌତିକ ପରିବେଶ (ନିର୍ଜୀବ) ଏବଂ

୨. ଜୈବିକ ପରିବେଶ (ସଜୀବ)

ଭୌତିକ ଲକ୍ଷଣ ଓ ଅବସ୍ଥା ଭିତ୍ତିରେ ଭୌତିକ ପରିବେଶକୁ ପୁନଶ୍ଚ ତିନିଟି ମୁଖ୍ୟ ଉପ-ବିଭାଗରେ ବିଭକ୍ତ କରାଯାଇଛି ।

୧. ଲିଥୋସ୍ଫିୟର (Litho-Sphere) ବା ସ୍ଥଳମଣ୍ଡଳ

୨. ହାଇଡ୍ରୋସ୍ଫିୟର (Hydro Sphere) ବା ଜଳମଣ୍ଡଳ ଏବଂ

୩. ବାୟୁମଣ୍ଡଳ (Atom Sphere)

ପରିବେଶର ସଜୀବ (biotic) ଉପାଦାନ ମାନଙ୍କ ମଧ୍ୟରେ ବୃକ୍ଷଲତା, ଜୀବଜନ୍ତୁ, ମଣିଷ ଓ ସୂକ୍ଷ୍ମଜୀବ (Micro-organism) ସାମିଲ ଥା'ନ୍ତି ।

## ୨୨.୩ ମନୁଷ୍ୟ ଓ ପରିବେଶ ମଧ୍ୟରେ ସଂପର୍କ (Relationship between man and environment)

ମନୁଷ୍ୟ ଓ ପରିବେଶର ସଂପର୍କର ଅଧ୍ୟୟନ, ସବୁବେଳେ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଆସିଛି । ଏହି ସଂପର୍କ ମଧ୍ୟ ମନୁଷ୍ୟ ସମାଜର ବିକାଶକୁ ପ୍ରଭାବିତ କରିଛି । ଏହା ମନେ ରଖିବାକୁ ହେବ ଯେ ପୃଥିବୀର



ଟୀପ୍ପଣୀ

ସମସ୍ତ ଜୀବନ ମାନଙ୍କ ମଧ୍ୟରେ ମନୁଷ୍ୟ ସବୁଠାରୁ କୁଶଳୀ, ଦକ୍ଷ ଓ ସଭ୍ୟ । ଏଣୁ ଏଠାରେ ମନୁଷ୍ୟର ତିନି ପ୍ରକାର ଉପାଦାନର ଉଲ୍ଲେଖ କରିବା ଉଚିତ ହେବ ।

୧. ଭୌତିକ ମନୁଷ୍ୟ ହେଉଛି ଜୈବିକ ସମୁଦାୟର ଏକ ଉପାଦାନ ଏବଂ ଏହି କାରଣରୁ ଭୌତିକ ପରିବେଶର ମୌଳିକ ଉପାଦାନମାନଙ୍କୁ ଆବଶ୍ୟକ କରେ । ଏହି ଉପାଦାନମାନେ ହେଲେ ବାୟୁ, ଜଳ, ଖାଦ୍ୟ ଓ ବାସଗୃହ ।

୨. ସାମାଜିକ ମନୁଷ୍ୟ ସାମାଜିକ ଅନୁଷ୍ଠାନ ମାନ ପ୍ରତିଷ୍ଠା କରେ, ସଂଗଠନ ମାନ ସ୍ଥାପନ କରେ ଓ ପୋଲିସ ତଥା ଆଇନ୍ ବ୍ୟବସ୍ଥାକୁ ନିଜର ସୁରକ୍ଷା, ଅସ୍ତିତ୍ୱ ଏବଂ ସ୍ୱାର୍ଥ ପାଇଁ ସୁଦୃଢ଼ କରିଥାଏ ।

୩. ଅର୍ଥନୈତିକ ମନୁଷ୍ୟ, ଭୌତିକ ଓ ଜୈବିକ ପରିବେଶରୁ ସମ୍ବଳ ସଂଗ୍ରହ କରି ବ୍ୟବହାର କରେ । ଏଥିପାଇଁ ସେ ନିଜର ସୂକ୍ଷ୍ମ ବୁଦ୍ଧି, କୌଶଳ ଓ ପ୍ରଯୁକ୍ତି ବିଦ୍ୟାକୁ ପ୍ରୟୋଗ କରିଥାଏ ।

ପ୍ରାଗୈତିହାସିକ ଯୁଗରୁ ଆଧୁନିକ ସମୟ ପର୍ଯ୍ୟନ୍ତ ପରିବେଶ ସହିତ ମଣିଷର ପରିବର୍ତ୍ତିତ ସଂପର୍କକୁ ନିମ୍ନୋକ୍ତ ଚାରୋଟି ସମୟାବଧିରେ ବିଭକ୍ତ କରାଯାଏ ।

(କ) ଶିକାର ଓ ଖାଦ୍ୟ ସଂଗ୍ରହ

(ଖ) ପଶୁପାଳନ ତଥା ଗ୍ରାମ୍ୟ ଜୀବନ

(ଗ) ବୃକ୍ଷରୋପଣ ଓ କୃଷିକାର୍ଯ୍ୟ

(ଘ) ବିଜ୍ଞାନ, ପ୍ରଯୁକ୍ତି କୌଶଳ ଓ ଔଦ୍ୟୋଗିକିକରଣ

## (କ) ଖାଦ୍ୟ ସଂଗ୍ରହ ଓ ଶିକାର

ଏହି ପର୍ଯ୍ୟାୟ ଅତି ଆଦିମ ମନୁଷ୍ୟ ସହିତ ସମ୍ବନ୍ଧିତ, ଯେତେବେଳେ ମନୁଷ୍ୟ ତା'ର ପ୍ରାକୃତିକ ପରିବେଶର ଏକ ଅଂଶ ମାତ୍ର ଥିଲା, ଏକ 'ଜୈବିକ ମଣିଷ' ବା 'ଭୌତିକ ମଣିଷ' ଥିଲା । ଏହି ସମୟରେ ତା'ର ମୌଳିକ ଆବଶ୍ୟକତା ସବୁ ଖାଦ୍ୟ ଓ ବାସଗୃହ ମଧ୍ୟରେ ସୀମିତ ଥିଲା । ପ୍ରାକୃତିକ ପରିବେଶ ତା'ର ସବୁ ଆବଶ୍ୟକତାକୁ ପୂରଣ କରୁଥିଲା । ମନୁଷ୍ୟ ଓ ପରିବେଶର ସଂପର୍କ ସବୁବେଳେ ବନ୍ଧୁତ୍ୱ ପୂର୍ଣ୍ଣ ରହି ଆସିଛି । ମନୁଷ୍ୟ ଯାଯାବର ଜୀବନଯାପନ କରୁଥିଲା । ପରେ ପରେ ସେ ପଶୁ ଶିକାର କରି ଶିଖିଲା । ନିଆଁର ଆବିଷ୍କାର ଆକସ୍ମିକ ଥିଲା, ଯାହା ମନୁଷ୍ୟକୁ ପଶୁ ମାଂସକୁ ପୋଡ଼ି ଖାଇବା ଶିଖାଇଲା । ପରେ ପରେ ବିଭିନ୍ନ ଯନ୍ତ୍ରପାତି, ଅସ୍ତ୍ରଶସ୍ତ୍ର ମାଧ୍ୟମରେ ସେ ପ୍ରାକୃତିକ ସମ୍ବଳରୁ ନିଜର ଦରକାରୀ ଜିନିଷ ସବୁ ବାହାର କରି ବ୍ୟବହାର କଲା । ଆଉ କେତେକ ଏହି ବକ୍ତବ୍ୟ ଦେଇ ଉପସଂହାର ଶେଷ କରନ୍ତି ଯେ ନିଆଁର ବ୍ୟବହାର କରି ମଣିଷ ନିଜର ଆଦ୍ୟ ପର୍ଯ୍ୟାୟରେ ପରିବେଶକୁ ନିଜ ଆବଶ୍ୟକତା ଅନୁସାରେ ବ୍ୟବହାର କରିଥିଲା ।

## (ଖ) ପଶୁପାଳନ ଓ ଗ୍ରାମ୍ୟଜୀବନ

ସମୟର ପ୍ରବାହ ସହିତ ଆଦିମ ମଣିଷ ନିଜର ସୁବିଧା ପାଇଁ ପଶୁମାନଙ୍କୁ ଘରୋଇ ଭାବରେ ପୋଷିବା ଆରମ୍ଭ କରିଥିଲା । ପ୍ରାରମ୍ଭରେ ଦୁଗ୍ଧ ପାଇଁ ଗାଈ, ମଇଁଷି ଓ ମାଂସ ପାଇଁ ଛେଳି ମେଣ୍ଢା ଆଦି ପାଳନ







କରିଥିଲା । ଏହି ପଶୁପାଳନ ଦ୍ୱାରା ମନୁଷ୍ୟର ଗୋଷ୍ଠୀଜୀବନ ଆରମ୍ଭ ହୋଇଥିଲା । ଆଦିମ ମନୁଷ୍ୟ ସେମାନଙ୍କର ଦଳରୁ ପୃଥକ୍ ନ ହେବା ପାଇଁ ଓ ବାହ୍ୟ ଜଙ୍ଗଲୀ ପଶୁମାନଙ୍କର ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗୋଷ୍ଠୀ ଜୀବନ ଯାପନ କରୁଥିଲା । ତେବେ ନିଜ ପାଇଁ ଖାଦ୍ୟ, ଜଳ, ତଥା ପଶୁମାନଙ୍କ ଆହାର ଅନ୍ୱେଷଣରେ ମନୁଷ୍ୟକୁ ଯାଯାବର ଜୀବନଯାପନ କରି ଏଠାକୁ ସେଠାକୁ ଯିବାକୁ ପଡୁଥିଲା ।

### (ଗ) ବୃକ୍ଷରୋପଣ ଓ କୃଷିକାର୍ଯ୍ୟ

ଖାଦ୍ୟ ଉଦ୍ଦେଶ୍ୟରେ ବୃକ୍ଷରୋପଣ ତୃତୀୟ ପର୍ଯ୍ୟାୟର ମନୁଷ୍ୟ ଓ ପରିବେଶ ସଂପର୍କକୁ ଦର୍ଶାଏ । ପ୍ରାକୃତିକ ବାତାବରଣର ସଜୀବ ଉପାଦାନମାନଙ୍କର କୁଶଳୀ ନିୟନ୍ତ୍ରଣର ବିକାଶ ଏହି ପର୍ଯ୍ୟାୟରେ ହୋଇଥିଲା । ଖାଦ୍ୟ ପାଇଁ ବୃକ୍ଷରୋପଣ ମାଧ୍ୟମରେ ଯାଯାବର ଜୀବନ ଶୈଳୀର ଅନ୍ତ ଘଟିଲା ଓ ଲୋକମାନେ ଆଦିମ ପ୍ରକାରର କୃଷି କାର୍ଯ୍ୟରେ ନିୟୋଜିତ ହୋଇ ସ୍ଥାୟୀ ଭାବରେ ବସବାସ କଲେ । ଖାଦ୍ୟ ଶସ୍ୟର କୃଷି ଫଳରେ ସାମାଜିକ ସମୁହ ଓ ସଂଗଠନମାନେ ଗଠିତ ହେଲେ । ଏହି ପର୍ଯ୍ୟାୟର ଅନ୍ୟ ଏକ ଉଲ୍ଲେଖନୀୟ ପ୍ରଗତି ଥିଲା ଲୋକମାନଙ୍କର ନଦୀ ଅବବାହିକା ଅଞ୍ଚଳରେ ବସତି ସ୍ଥାପନ । କୃଷି ପାଇଁ ଜଳର ପର୍ଯ୍ୟାପ୍ତ ଉପଲବ୍ଧତା ତଥା ଉର୍ବର ମୃତ୍ତିକା ଯୋଗୁଁ ସେମାନେ 'ନଦୀ ଅବବାହିକାର ସଭ୍ୟତା'ରେ ପରିଣତ ହୋଇଥିଲେ । ଏହିଠାରୁ ମନୁଷ୍ୟ ଉନ୍ନତ କୃଷିପ୍ରଣାଳୀ ଦ୍ୱାରା ତାର ପ୍ରାକୃତିକ ସମ୍ବଳର ପରିବର୍ତ୍ତନ ଯାତ୍ରା ଆରମ୍ଭ କରିଥିଲା । ଏହି କାରଣରୁ ଜନସଂଖ୍ୟା ବୃଦ୍ଧି ମଧ୍ୟ ଘଟିଲା, କାରଣ ଜୀବନର ସମସ୍ତ ଆଦର୍ଶ ସ୍ଥିତି (Ideal situation of Life)ର ଉପସ୍ଥିତି ରହିଥିଲା । କୃଷି ପାଇଁ ଜମିର ଆବଶ୍ୟକତା କାରଣରୁ ଜଙ୍ଗଲ ସଫା ଆରମ୍ଭ ହେଲା । ସମୟର ପ୍ରବାହ ସହିତ, ମନୁଷ୍ୟ ଗୃହନିର୍ମାଣ କରି, ସହର ସ୍ଥାପନ କରି, ରାସ୍ତାଘାଟ, ବନ୍ଧବାଡ଼ ନିର୍ମାଣ କରି ତା'ର ସାଂସ୍କୃତିକ ବାତାବରଣକୁ ଉନ୍ନତ ତଥା ବିକଶିତ କରିଥିଲା ।

### (ଘ) ବିଜ୍ଞାନ, ପ୍ରଯୁକ୍ତି କୌଶଳ ଓ ଔଦ୍ୟୋଗିକୀକରଣ

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ସଂଘଟିତ ଔଦ୍ୟୋଗିକ ବିପ୍ଳବ ତଥା ବିଜ୍ଞାନ ଓ ଅତ୍ୟାଧୁନିକ ପ୍ରଯୁକ୍ତି କୌଶଳର ବିକାଶ, ମନୁଷ୍ୟ ଓ ପରିବେଶ ମଧ୍ୟରେ ଥିବା ବନ୍ଧୁତ୍ୱ ପୂର୍ଣ୍ଣ ସଂପର୍କରେ ତିକ୍ତତା ସୃଷ୍ଟି କରିଥିଲା । ଅତ୍ୟାଧୁନିକ ପ୍ରଯୁକ୍ତି କୌଶଳର, ପ୍ରାକୃତିକ ବାତାବରଣ ଉପରେ ପ୍ରଭାବ ହେଉଛି ଅତ୍ୟନ୍ତ ଜଟିଳ ଓ ବିବାଦୀୟ । ଅତ୍ୟାଧୁନିକ ପ୍ରଯୁକ୍ତି କୌଶଳ ଓ ବିଜ୍ଞାନର ବିକାଶ ଫଳରେ ପ୍ରାକୃତିକ ପରିବେଶ ଭୂଲୁଣ୍ଠିତ ହୋଇ ଚାଲିଛି । ଏଥିପାଇଁ ଆଜି ପରିବେଶଗତ ସମସ୍ୟାମାନ ସୃଷ୍ଟି ହୋଇଛି ।

ଆଦିମ ମଣିଷର ସମୟରୁ ଆଜି ପର୍ଯ୍ୟନ୍ତ ମନୁଷ୍ୟ ପ୍ରକୃତିର ବିଭିନ୍ନ ରୂପ (ବୃକ୍ଷଲତା, ଉଦ୍ଭିଦ, ପଶୁ, ନଦୀ, ପର୍ବତ) ଇତ୍ୟାଦିକୁ ଉପାସନା କରି ଆସୁଛି । ଅନେକ ସମୁଦାୟ ପ୍ରକୃତି ଉପାସନାକୁ ଅତି ପବିତ୍ର ମନେ କରନ୍ତି । ଏପରି କେତେକ ସମୁଦାୟ ଅଛନ୍ତି, ଯେଉଁମାନେ ପ୍ରକୃତିର ଉପାସନାରେ ନିଜକୁ ସଂପୂର୍ଣ୍ଣ ନିୟୋଜିତ କରିଛନ୍ତି । ରାଜସ୍ଥାନର 'ବିଷ୍ଣୋଇ' ସମୁଦାୟ ହେଉଛନ୍ତି ଏହିପରି ଏକ ସମୁହ । ଭାରତୀୟ ପରଂପରା ଅନୁସାରେ ପ୍ରକୃତି ଓ ମନୁଷ୍ୟ ହେଉଛନ୍ତି ଜୀବନ ସଂରକ୍ଷଣ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ବାୟୁ, ଜଳ, ଭୂମି, ବୃକ୍ଷଲତା ଓ ଜୀବଜନ୍ତୁ, ଏହି ପଞ୍ଚ-ଉପାଦାନ ପରସ୍ପର ସହ ସମ୍ବନ୍ଧିତ ପରସ୍ପର ଉପରେ ନିର୍ଭରଶୀଳ ଅଟନ୍ତି ।



ଟୀପ୍ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୨୨.୧

ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

୧. ପରିବେଶ (ଅର୍ଥାତ୍ environment) ଶବ୍ଦଟି ______ ରୁ ଆସିଛି (ଲାଟିନ୍ ମୂଳ, ଇଂରାଜୀ ମୂଳ, ଫ୍ରେଞ୍ଚ୍ ମୂଳ)

୨. ପରିବେଶକୁ ______ ଭାଗରେ ବିଭକ୍ତ କରାଯାଇପାରେ । (2, 4, 6, 7)

୩. ଭୌତିକ ପରିବେଶରେ ______ ଥାଏ । (ସଜୀବ, ନିର୍ଜୀବ, ଉଭୟ ଉପାଦାନ)

୪. ଜୈବିକ ଉପାଦାନମାନଙ୍କ ମଧ୍ୟରେ ______ ଥାଏ । (ସଜୀବ, ନିର୍ଜୀବ, ଉଭୟ ଉପାଦାନ)

୫. ମନୁଷ୍ୟ ଓ ପରିବେଶର ପରିବର୍ତ୍ତିତ ସଂପର୍କକୁ ______ ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । (8, 6, 4, 5)

## ୨୨.୪ ଜୀବମଣ୍ଡଳ ଓ ସାମାଜିକ ଜଗତ (Bio-Sphere and Socio-Sphere)

### ୨୨.୪.୧ ଜୀବମଣ୍ଡଳ (The Bio-Sphere)



ପୃଥିବୀର ଜୀବମଣ୍ଡଳ

ଜୀବମଣ୍ଡଳ ହେଉଛି ପୃଥିବୀ ଚାରିପାଖରେ ଘେରି ରହିଥିବା ଏକ ଜୀବନରକ୍ଷାକାରୀ ସ୍ତର ଯାହାକି କୌଣସି ସୁରକ୍ଷା ଉପାୟ ବିନା ଜୀବଜଗତକୁ ସମ୍ଭବ କରିଥାଏ । ଏହା ମଧ୍ୟରେ ସମସ୍ତ ସଜୀବ ଉପାଦାନ ରହିଥାଏ । ଶକ୍ତି ବା ଉର୍ଜା ଉପାଦାନ ଏବଂ ଭୌତିକ ଉପାଦାନମାନ ମଧ୍ୟ ରହିଥାଏ । ସଜୀବ ଉପାଦାନ ଓ ଭୌତିକ ପରିବେଶ ମଧ୍ୟରେ ନିରନ୍ତର ଆନ୍ତଃ-କ୍ରିୟା ହୋଇଥାଏ । ଜୀବମଣ୍ଡଳ ବା ଜୀବନ ରକ୍ଷାକାରୀ ସ୍ତର, ଯାହା ମଧ୍ୟରେ ବାୟୁ, ଜଳ, ମୃତ୍ତିକା ଓ ପ୍ରସ୍ତର ଥାଏ, ତାହାର ମୋଟେଇ ବା ପ୍ରସ୍ଥ ପ୍ରାୟ 30 କିଲୋମିଟର ହୋଇଥାଏ । ଜୀବମଣ୍ଡଳର ସର୍ବୋଚ୍ଚ ସୀମା ମଧ୍ୟରେ ଅମ୍ଳଜାନ, ଆଲୋକ ଇତ୍ୟାଦି ଥାଏ, ଯାହା ଜୀବନ ରକ୍ଷାରେ ସାହାଯ୍ୟ କରିଥାଏ । ଉଚ୍ଚତା ବୃଦ୍ଧି ସହିତ ବାୟୁର ଚାପ ମଧ୍ୟ ବୃଦ୍ଧି ପାଇଥାଏ । ଜୀବମଣ୍ଡଳର ଗଭୀରତା, ଭୂମିରେ ଥିବା କୌଣସି ବୃକ୍ଷର ଚେରର ଗଭୀରତା (ର ସର୍ବଶେଷ ସୀମା ପର୍ଯ୍ୟନ୍ତ) ସହିତ ସମାନ ହୋଇଥାଏ । ଜୀବମଣ୍ଡଳର ଗଭୀରତା, ସମୁଦ୍ର ତଳଠାରୁ ଆହୁରି ଗଭୀର ପର୍ଯ୍ୟନ୍ତ ଯାଇଥାଏ ।

> ଜୀବମଣ୍ଡଳରେ ଜୀବନର ଅସ୍ତିତ୍ୱ ସମୁଦ୍ର ତଳଠାରୁ 9000 ମିଟର ନିମ୍ନର ଗଭୀରତା ପର୍ଯ୍ୟନ୍ତ ଦେଖାଯାଇଛି ।

### ୨୨.୪.୨ ସାମାଜିକ ଜଗତ (The Socio-Sphere)

ନିଜ ସମୁହ ମଧ୍ୟରେ ରହିବାର ଆବେଗ ଥିବା ମନୁଷ୍ୟ ହେଉଛି ଏକ ସାମାଜିକ ପ୍ରାଣୀ । ଯେହେତୁ ମନୁଷ୍ୟ ସବୁଠାରୁ ଅଧିକ ସଂପ୍ରେଷଣ-ସଂପନ୍ନ (Communicative), ସେଥିପାଇଁ ତା'ର ବ୍ୟବହାର



ଟୀପ୍‌ପଣୀ

ଅନ୍ୟମାନଙ୍କ ସହିତ ସମ୍ବନ୍ଧିତ ହୋଇଥାଏ । ତେଣୁ, ମନୁଷ୍ୟର ନିଜ ଜୀବନ ଓ ମୂଲ୍ୟବୋଧ ପ୍ରତି ମନୋଭାବ, ତା'ର ନିଜସ୍ୱ ସମୁହର ଆକାର ଓ ଗୁଣାତ୍ମକ ମାନ ଦ୍ୱାରା ନିରୂପିତ ହୋଇଥାଏ ।

ଏକ ଅଞ୍ଚଳରେ ରହୁଥିବା ଲୋକମାନଙ୍କର ସମୁହକୁ ସମୁଦାୟ କୁହାଯାଏ । ଏହା ମଧ୍ୟରେ ଜୀବ ମାନଙ୍କର ଉପାଦାନ, ଖାଦ୍ୟ ଶୃଙ୍ଖଳ ଓ ଶକ୍ତି ନିର୍ଗମନର ବ୍ୟବସ୍ଥା ସାମିଲ ଥାଏ । ତେଣୁ ସମୁଦାୟମାନେ, ପର୍ଯ୍ୟାବରଣ ବ୍ୟବସ୍ଥାର ସଜୀବ ଉପାଦାନ ଅଟନ୍ତି । ସମୟ ପ୍ରବାହ ସହିତ ପ୍ରତି ସମୁଦାୟର ଜୀବମାନେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରନ୍ତି । ସମୁଦାୟ ଏକ ସ୍ଥିର ଅସ୍ତିତ୍ୱ ନୁହେଁ, ପରନ୍ତୁ ସଦା ପରିବର୍ତ୍ତନୀୟ ଅସ୍ତିତ୍ୱ ଅଟେ ।

ଏକ ସମୁଦାୟର ନିଜସ୍ୱ ସଂରଚନା, ଗଠନ, ବିକାଶର ଇତିହାସ ଥାଏ । ପରିବେଶ ଓ ସମାଜ ମଧ୍ୟରେ ଘନିଷ୍ଠ ସଂପର୍କ ରହିଛି ଓ ସେମାନେ ପରସ୍ପର ଉପରେ ନିର୍ଭରଶୀଳ । ବିଭିନ୍ନ ସାମାଜିକ ସମୁହ ଓ ସଂରଚନା (ଔଦ୍ୟୋଗିକ, କୃଷିଭିତ୍ତିକ, ରାଜନୈତିକ, ସାଂସ୍କୃତିକ, ଧାର୍ମିକ ଓ ଆଧ୍ୟାତ୍ମିକ ଇତ୍ୟାଦି) ମାନବ ସଭ୍ୟତାର ବିଭିନ୍ନ ସ୍ଥିତିରେ ବିକାଶ ଲାଭ କରିଛନ୍ତି । ଏହି ସାମାଜିକ ସଂରଚନାମାନେ ପ୍ରାକୃତିକ ପର୍ଯ୍ୟାବରଣ ଆଧାରରେ ମନୁଷ୍ୟ ଦ୍ୱାରା ଆହରଣ କରାଯାଇଥିବା ସାଂସ୍କୃତିକ ସମ୍ବଳକୁ ପ୍ରତିନିଧିତ୍ୱ କରନ୍ତି । ସମୟର ପ୍ରବାହ ସହିତ ପର୍ଯ୍ୟାବରଣରେ ମଧ୍ୟ ପରିବର୍ତ୍ତନ ଆସିଛି । ଏହାର କାରଣମାନ ହେଲା –

୧. ଜଳବାୟୁ ତଥା ଭୂ-ଆକୃତିରେ ପରିବର୍ତ୍ତନ; ଏବଂ

୨. ସମୁଦାୟ ମଧ୍ୟରେ ବିଭିନ୍ନ ପ୍ରଜାତିମାନଙ୍କର ଗତିବିଧି

ଏହିସବୁ ପ୍ରଭାବ ବିଦ୍ୟମାନ ସମୁଦାୟମାନଙ୍କରେ ସ୍ପଷ୍ଟ ପରିବର୍ତ୍ତନ ଆଣିଛନ୍ତି । ମାନବୀୟ ବ୍ୟବହାର ଏହାର ଲକ୍ଷଣ, ସାମାଜିକ ସଂଗଠନ, ସାମାଜିକ ପ୍ରକ୍ରିୟା, ଅର୍ଥନୀତି ଓ ସଂସ୍କୃତି ଇତ୍ୟାଦିରୁ ଜଣାପଡ଼େ ଓ ନିଜର ଭୌଗୋଳିକ ପରିବେଶ ଉପରେ ନିର୍ଭର କରିଥାଏ । ଜନସଂଖ୍ୟାର ଘନତ୍ୱ ଓ ବଣ୍ଟନ, ସାମାଜିକ ବିଭାଗୀକରଣ, ସାଂସ୍କୃତିକ ପରିବର୍ତ୍ତନ ତଥା ଅର୍ଥନୈତିକ, ରାଜନୈତିକ, ସାମାଜିକ ଓ ଧାର୍ମିକ ସଂଗଠନର ଲକ୍ଷଣମାନ ଏବଂ ସମସ୍ତ ସାମାଜିକ ଘଟଣାବଳୀ, ସାମାଜିକ ଜଗତ ଗଠନରେ ଅବଦାନ ଦେଇଥା'ନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୨.୨

**ନିମ୍ନୋକ୍ତ ପ୍ରତି ବକ୍ତବ୍ୟ ପାଇଁ ସତ୍ୟ କିମ୍ବା ମିଥ୍ୟା ଲେଖ ।**

୧. ପୃଥିବୀ ଚାରିପାର୍ଶ୍ୱରେ ଘେରି ରହିଥିବା ଜୀବନ ରକ୍ଷାକାରୀ ସ୍ତର ହେଉଛି ଜୀବମଣ୍ଡଳ ।

୨. ଜୀବମଣ୍ଡଳର ମୋଟେଇ ପ୍ରାୟ 50 କିଲୋମିଟର ।

୩. ଜୀବମଣ୍ଡଳରେ ଭୂ-ଭିତ୍ତିକ ଓ ଜଳୀୟ ଜୀବ ପ୍ରଣାଳୀ ମାନେ ସାମିଲ ଥା'ନ୍ତି ।

୪. ଏକ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଏକ ସମୁହକୁ ସମୁଦାୟ କୁହାଯାଏ ।

୫. ପରିବେଶ ସ୍ଥିର ତଥା ପରିବର୍ତ୍ତନ ଶୀଳ ଅଟେ ।



ଟୀପ୍‌ପଣୀ

## ୨୨.୫ ମାନବ ସମାଜ ଉପରେ ପରିବେଶର ପ୍ରଭାବ (Effects of environment on human society)

ମନୁଷ୍ୟ ସମାଜ ଉପରେ ପରିବେଶର ପ୍ରଭାବ ଏକ ବିରାଟ ସମସ୍ୟା ଭାବରେ ଦେଖାଦେଇଛି । ପ୍ରାକୃତିକ ସମ୍ବଳର ଅନୁପଯୋଗ ସହିତ ଦୀର୍ଘ ସମୟ ଧରି ବିକାଶ ଜଡ଼ିତ ଥିଲା । କିନ୍ତୁ ସେତେବେଳେ ଏହା ଚିନ୍ତା କରାଯାଇ ପାରି ନ ଥିଲା ଯେ ଅନୁପଯୋଗ ବା କମ୍ ଉପଯୋଗ ଉପରେ ଗୁରୁତ୍ୱ ଦେବା ଦ୍ୱାରା ପ୍ରାକୃତିକ ସମ୍ବଳର ଅସୀମ ବା ଅତ୍ୟଧିକ ଶୋଷଣ ହେବ । ଆମେ ବୋଧହୁଏ ଭାବିଲୁ ଯେ ପ୍ରାକୃତିକ ସମ୍ବଳର ଶେଷ ନାହିଁ । ପର୍ଯ୍ୟାବରଣର ପ୍ରକ୍ରିୟାମାନ ହେଉଛି ସେହିସବୁ ଭୌତିକ ପ୍ରକ୍ରିୟା, ଯାହା ପୃଥିବୀପୃଷ୍ଠରେ ବାହ୍ୟ ତଥା ଅନ୍ତର୍ନିହିତ ଭାବରେ ଘଟିଥାଏ । ଯଦ୍ୟପି ମନୁଷ୍ୟ ତା'ର ସ୍ଥିତିଶୀଳ (ଅଭ୍ରମଣଶୀଳ, sedentary)ଜୀବନର ପ୍ରାରମ୍ଭରୁ ପ୍ରାକୃତିକ ପ୍ରକ୍ରିୟାମାନଙ୍କ ଉପରେ ହସ୍ତକ୍ଷେପ କରିବା ଆରମ୍ଭ କରିଥିଲା, ତେବେ ଏହାର ବ୍ୟାପକତା ଓ ବେଗ ଶିଳ୍ପ ବିପ୍ଳବ ପରେ ସ୍ପଷ୍ଟ ପ୍ରତୀୟମାନ ହେଲା ।

ଆଧୁନିକ ପ୍ରଯୁକ୍ତି କୌଶଳର ପରିବେଶ ଉପରେ ପ୍ରଭାବ, ଭିନ୍ନ ଭିନ୍ନ ଧରଣର ଓ ଅତ୍ୟନ୍ତ ଜଟିଳ ଅଟେ । କାରଣ ଆମର ପ୍ରାକୃତିକ ଅବସ୍ଥା ଓ ପ୍ରକ୍ରିୟାର ପରିବର୍ତ୍ତନ, ପ୍ରାକୃତିକ-ପରିବେଶ-ପ୍ରକ୍ରିୟାର ସଜୀବ ଓ ନିର୍ଜୀବ ଉପାଦାନମାନଙ୍କରେ ପରିବର୍ତ୍ତନମାନଙ୍କର ଏକ ଶୃଙ୍ଖଳ ବା ଧାରା ସୃଷ୍ଟି କରିଥାଏ ।

ଆମେ ଦେଖି ଆସୁଛୁ, ଯେ ମଣିଷ, ଯିଏ କି ଅତ୍ୟାଧୁନିକ ଜ୍ଞାନ କୌଶଳ ଓ ଉନ୍ନତ ବୈଜ୍ଞାନିକ ଜ୍ଞାନ ହାସଲ କରିପାରିଛି, ପ୍ରାକୃତିକ ପ୍ରକ୍ରିୟାମାନଙ୍କୁ ପରିବର୍ତ୍ତନ କରିବାରେ ମୁଖ୍ୟ କାରକ ଭାବରେ ଉଭା ହୋଇଛି । ଏହା ବୁଝିବାକୁ ହେବ ଯେ ପ୍ରକୃତିର ଯେକୌଣସି ଏକ ଉପାଦାନ (ଯଥା - ବାୟୁ, ଜଳ, ଭୂମି, ବୃକ୍ଷଲତା ଓ ଜୀବଜନ୍ତୁ)ରେ ସମସ୍ୟା, ଅସୁବିଧା ବା ବ୍ୟତିକ୍ରମ ଦେଖାଦେଲେ ତାହା ଅନ୍ୟମାନଙ୍କ କ୍ଷେତ୍ରରେ ଅସନ୍ତୁଳନ ସୃଷ୍ଟି କରେ । ବେଳେବେଳେ ପ୍ରାକୃତିକ ପ୍ରକ୍ରିୟାମାନ ବା ମାନବୀୟ କାରକ ମାନ ପ୍ରାକୃତିକ ପାରିବେଶିକ ପ୍ରକ୍ରିୟାରେ ବ୍ୟତିକ୍ରମ ଘଟାଇ ମାନବ ସମାଜ ପାଇଁ ବିପର୍ଯ୍ୟୟ (ଭୂମିକମ୍ପ, ଆଗ୍ନେୟଗିରି ଉଦ୍‌ଗୀରଣ, ବନ୍ୟା, ବାତ୍ୟା ଇତ୍ୟାଦି) ସୃଷ୍ଟି କରନ୍ତି । ଫଳରେ ବହୁ ଧନ, ଜୀବନ ଓ ସଂପତ୍ତି ନଷ୍ଟ ହୁଏ । ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପରିବେଶ ସମ୍ବନ୍ଧୀୟ କୁପ୍ରଭାବ ମାନ ହେଲା -

୧. ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସ ସମ୍ବନ୍ଧୀୟ ରୋଗ ସୃଷ୍ଟି ହୁଏ ।


୨. ଜଳ ପ୍ରଦୂଷଣ ଆନ୍ତ୍ରିକ ରୋଗ ସୃଷ୍ଟି କରେ ।

୩. ଅଳିଆ-ଆବର୍ଜନା ରୋଗ ବାହକ ତଥା ରୋଗର କାରଣ ହୋଇଥା'ନ୍ତି ।

୪. ବିଷାକ୍ତ ଆବର୍ଜନା କର୍କଟ ତଥା ସ୍ନାୟବିକ ରୋଗ ସୃଷ୍ଟି କରନ୍ତି ।



**ଜଳ ପ୍ରଦୂଷଣ ପରିବେଶର କ୍ଷତି କରେ**



ଟୀପ୍‌ପଣୀ

ଯେହେତୁ ସ୍ୱଚ୍ଛ ଓ ନିର୍ମଳ ବାତାବରଣ ମନୁଷ୍ୟ ସମାଜ ପାଇଁ ଅମୂଲ୍ୟ ହୋଇଥାଏ, ସେଥିପାଇଁ ପରିବେଶ ପ୍ରଦୂଷଣ ବିରୋଧରେ ଶିକ୍ଷା ଦ୍ୱାରା ଜନ ସଚେତନତା ସୃଷ୍ଟି ନିତାନ୍ତ ଆବଶ୍ୟକ ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୨.୩

**ନିମ୍ନୋକ୍ତ ବକ୍ତବ୍ୟମାନଙ୍କ ପାଇଁ ସତ୍ୟ କିମ୍ବା ମିଥ୍ୟା ଲେଖ ।**

୧. ମନୁଷ୍ୟ ପରିବେଶ ଉପରେ କଦାପି ହସ୍ତକ୍ଷେପ କରିନାହିଁ ।

୨. ସମାଜ ଉପରେ ପରିବେଶର ପ୍ରଭାବ ସବୁବେଳେ ସକରାତ୍ମକ ହୋଇଥାଏ ।

୩. ଅସାମାନ୍ୟ ତଥା ତୀବ୍ରତମ ଘଟଣାମାନ ସମାଜ ପାଇଁ କ୍ଷତିକାରକ ନୁହଁନ୍ତି ।

୪. ପରିବେଶର ପ୍ରଭାବ ସଂପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଶିକ୍ଷାର ବ୍ୟାପକ ସ୍ତରରେ ପ୍ରୟୋଗ ହେବା ନିହାତି ଜରୁରୀ ।

---

## କ'ଣ ଶିଖିଲେ -

- ➪ କୌଣସି ଏକ ସମୟ ଓ ସ୍ଥାନରେ ମନୁଷ୍ୟକୁ ଘେରି ରହିଥିବା ପରିସ୍ଥିତି ବା ଅବସ୍ଥାମାନଙ୍କର ସମଷ୍ଟିକୁ ପରିବେଶ କୁହାଯାଏ ।
- ➪ ଅତୀତରେ ମନୁଷ୍ୟର ପରିବେଶରେ ପୃଥିବୀର ସଜୀବ ସମୁଦାୟ ଓ କେବଳ ଭୌତିକ ଉପାଦାନମାନ (ବାୟୁ, ଜଳ ଓ ଭୂମି) ସାମିଲ ଥିଲେ ।
- ➪ ତେବେ ସମୟ ପ୍ରବାହ ସହିତ ତଥା ସମାଜର ବିକାଶ ସହିତ, ମନୁଷ୍ୟ ବିଭିନ୍ନ ସାମାଜିକ, ରାଜନୈତିକ ଅର୍ଥନୈତିକ କାର୍ଯ୍ୟକଳାପ ଦ୍ୱାରା ତା'ର ପରିବେଶକୁ ବ୍ୟାପକ ଭାବରେ ପରିବ୍ୟାପ୍ତ କଲା ।
- ➪ ପରିବେଶ ହେଉଛି, ଉଭୟ ଭୌତିକ ଓ ଜୈବିକ ଧାରଣା ଓ ଏହା ମଧ୍ୟରେ ପୃଥିବୀର ଉଭୟ ସଜୀବ ଓ ନିର୍ଜୀବ ଉପାଦାନ ମାନ ସାମିଲ ଥାଏ ।
- ➪ ସଂରଚନା ଭିତ୍ତିରେ ପରିବେଶକୁ ଦୁଇ ଭାଗରେ ବିଭକ୍ତ କରାଯାଏ - ଭୌତିକ ବା ନିର୍ଜୀବ ପରିବେଶ ଏବଂ ଜୈବିକ ବା ସଜୀବ ପରିବେଶ ।
- ➪ ପରିବେଶ ଓ ମନୁଷ୍ୟର ସଂପର୍କ ସମୟ କ୍ରମେ ପରିବର୍ତ୍ତିତ ହୋଇଛି । ପରିବେଶ ସହିତ ମନୁଷ୍ୟ ସମାଜର ତିନିଟି ଦିଗ (ଯଥା - ଭୌତିକ, ସାମାଜିକ ଓ ଅର୍ଥନୈତିକ ଦିଗ) ଜଡ଼ିତ ।
- ➪ ପରିବେଶ ସହିତ ମନୁଷ୍ୟର ପରିବର୍ତ୍ତିତ ସମ୍ବନ୍ଧ ସବୁକୁ (ପ୍ରାଗୈତିହାସିକ ଯୁଗରୁ ଆଧୁନିକ ସମୟ ପର୍ଯ୍ୟନ୍ତ) ଚାରିଟି ପର୍ଯ୍ୟାୟଭୁକ୍ତ କରାଯାଇପାରିବ ।

  ୧.ଶିକାର ଓ ଖାଦ୍ୟ ସଂଗ୍ରହ

  ୨.ପଶୁପାଳନ ଓ ଗ୍ରାମ୍ୟ ଜୀବନ



ଟୀପ୍ପଣୀ

୩.ବୃକ୍ଷରୋପଣ ଓ କୃଷିକାର୍ଯ୍ୟ

୪.ବିଜ୍ଞାନ ଓ ପ୍ରଯୁକ୍ତି କୌଶଳ ଏବଂ ଔଦ୍ୟୋଗିକି କରଣ

➪ ଜୀବମଣ୍ଡଳ ହେଉଛି ଜୀବନରକ୍ଷାକାରୀ ଏକ ସ୍ତର ଯାହା ପୃଥିବୀ ଚାରିପାଖରେ ଘେରି ରହିଛି ତଥା ଉଦ୍ଭିଦ ଓ ଜୀବଜନ୍ତୁଙ୍କର ଜୀବନକୁ ସମ୍ଭବ କରିଛି । (କୌଣସି ରକ୍ଷାତ୍ମକ ଉପାୟ ବିନା)

➪ ସାମାଜିକ ଜଗତ, ସମାଜର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ଉପାଦାନମାନଙ୍କୁ ନେଇ ଗଠିତ ।

➪ ମନୁଷ୍ୟ ପରିବେଶ ପରିବର୍ତ୍ତନ ପ୍ରକ୍ରିୟାର ସକ୍ରିୟ ବାହକ ବା ଏଜେଣ୍ଟ ଭାବରେ ପ୍ରାକୃତିକ ସମ୍ବଳର କୁ-ବିନିଯୋଗ ଏବଂ ଅତ୍ୟଧିକ ଶୋଷଣ ଦ୍ୱାରା ପର୍ଯ୍ୟାବରଣ-ବ୍ୟବସ୍ଥା ବା eco system ରେ ପରିବର୍ତ୍ତନ ଆଣିଥାଏ । ମନୁଷ୍ୟ ସମାଜ ଉପରେ ପରିବେଶର ପ୍ରଭାବ ଆଜିର ଏକ ବଡ଼ ଆହ୍ୱାନ । ଆଧୁନିକ ପ୍ରଯୁକ୍ତି କୌଶଳ ଓ ଉନ୍ନତ ବୈଜ୍ଞାନିକ ଜ୍ଞାନ ପରିବେଶକୁ ପରିବର୍ତ୍ତନ କରିବାର ଏକ ମୁଖ୍ୟ କାରକ ଭାବରେ ଉଭା ହୋଇଛନ୍ତି ।

## ପାରିଭାଷିକ ଶବ୍ଦାବଳୀ (GLOSSARY)

୧. ପରିବେଶ (Environment) - ବାହ୍ୟ ଅବସ୍ଥା ମାନ, ଯାହା କି ମନୁଷ୍ୟ, ଜୀବଜନ୍ତୁ ଓ ବୃକ୍ଷଲତା ସବୁର ଉତ୍ପତ୍ତି ଓ ବିକାଶ ତଥା ସେମାନଙ୍କର ଜୀବନ ଓ କାର୍ଯ୍ୟ ଶୈଳୀକୁ ପ୍ରଭାବିତ କରିଥାଏ ।

୨. ସଜୀବ (Biotic) - ପୃଥିବୀର ଜୀବନ୍ତ ଉପାଦାନ ମାନ ।

୩. ନିର୍ଜୀବ (abiotic) - ପୃଥିବୀର ନିର୍ଜୀବ ଉପାଦାନ ମାନ ।

୪. ସ୍ଥଳ ମଣ୍ଡଳ (Litho-Sphere) - ପୃଥିବୀର ଅପେକ୍ଷାକୃତ ନିଦା ସ୍ତର ବା କଠିନ ପୃଷ୍ଠଭୂମି ।

୫. ବାୟୁମଣ୍ଡଳ : ପୃଥିବୀକୁ ଘେରି ରହିଥିବା ଗ୍ୟାସୀୟ ସ୍ତର ।

୬. ଜଳମଣ୍ଡଳ (Hydro-Sphere) : ପୃଥିବୀର ପୃଷ୍ଠଭୂମିରେ ଉପଲବ୍ଧ ଥିବା ସମସ୍ତ ଜଳସ୍ରୋତର ସ୍ତର ।

୭. ବୃକ୍ଷଲତା (Flora) : କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକ ନିଶ୍ଚିତ ସମୟାବଧିରେ ଦେଖାଯାଉଥିବା ଗଛ ଲତା ।

୮. ଜୀବଜନ୍ତୁ (Fauna) : କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକ ନିଶ୍ଚିତ ସମୟାବଧିରେ ଦେଖାଯାଉଥିବା ଜୀବଜନ୍ତୁ ।

୯. ପଶୁପାଳନ (Domestication) : ପଶୁମାନଙ୍କୁ ଘରୋଇ ଭାବରେ ପୋଷି ସେମାନଙ୍କୁ ନିୟନ୍ତ୍ରଣରେ ରଖିବା ।

୧୦. ସ୍ଥଳଚର (Terrestrial) : ପୃଥିବୀର ଭୂମି ପୃଷ୍ଠରେ ରହୁଥିବା ଜୀବ ।

୧୧. ଜଳଚର (Aquatic) : ପୃଥିବୀର ଜଳ ଭାଗରେ ରହୁଥିବା ଜୀବ ।

୧୨. ପର୍ଯ୍ୟାବରଣ ବ୍ୟବସ୍ଥା (eco-system) : ପରିପାର୍ଶ୍ୱ ଓ ପରିବେଶ ମଧ୍ୟରେ ସମ୍ବନ୍ଧ ।



ଟୀପ୍ପଣୀ

୧୩. ବାୟୋମ୍ସ (Biomes) : କୌଣସି ନିର୍ଦ୍ଦିଷ୍ଟ ପ୍ରକାରର ଉଦ୍ଭିଦ, ବୃକ୍ଷଲତା ଓ ପଶୁମାନଙ୍କର ସମୁହ ।

୧୪. ପ୍ରଜାତି (Species) : ଜୀବଜନ୍ତୁ. ବୃକ୍ଷଲତା ତଥା ମନୁଷ୍ୟମାନଙ୍କର ସମୁହ ଯେଉଁମାନେ ସମାନ ଲକ୍ଷଣ ବହନ କରିଥା'ନ୍ତି ।

୧୫. ରୋଗ ବାହକ (Vector-borne) : ସଂକ୍ରାମକ ରୋଗ ବ୍ୟାପିବାରେ ସାହାଯ୍ୟକାରୀ ।

## ପାଠ୍ୟଗତ ପ୍ରଶ୍ନାବଳୀ :

**100-250 ଶବ୍ଦରେ ଉତ୍ତର ଦିଅ ।**

୧. ପରିବେଶ କ'ଣ ? ଆଲୋଚନା କର ।

୨. ମନୁଷ୍ୟ ଓ ପରିବେଶର ସଂପର୍କର ବିଭିନ୍ନ ଅବସ୍ଥାମାନ ବର୍ଣ୍ଣନା କର ।

୩. ଜୀବମଣ୍ଡଳ କ'ଣ ? ଜୀବମଣ୍ଡଳର ଦୁଇଟି ଉପ-ବ୍ୟବସ୍ଥାକୁ ଦର୍ଶାଅ ।

୪. ସାମାଜିକ ଜଗତ କ'ଣ ? ଆଲୋଚନା କର ।

୫. ସମାଜ ଉପରେ ପରିବେଶର କୁ-ପ୍ରଭାବ ମାନଙ୍କ ବିଷୟରେ ଆଲୋଚନା କର ।

## ପାଠ୍ୟଗତ ପ୍ରଶ୍ନାବଳୀମାନଙ୍କର ଉତ୍ତର

**୨୨.୧** ୧ - ଫ୍ରେଞ୍ଚମୂଳ

୨ - ଦୁଇ (୨) ଭାଗରେ

୩ - ନିର୍ଜୀବ

୪ - ସଜୀବ

୫ - ଚାରି (୪) ଭାଗରେ

**୨୨.୨** ୧ - ସତ୍ୟ

୨ - ମିଥ୍ୟା

୩ - ସତ୍ୟ

୪ - ସତ୍ୟ

୫ - ମିଥ୍ୟା

**୨୨.୩** ୧ - ମିଥ୍ୟା

୨ - ମିଥ୍ୟା

୩ - ମିଥ୍ୟା

୪ - ସତ୍ୟ